ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us: Facebook YouTube Twitter

ବର୍ଷ-୬ | ସଂଖ୍ୟା-୭୯ | ବୁଧବାର | ୧୧ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-79 | Wednesday | 11 June 2025 | Bhubaneswar | Pages-8 | Rs. 2.00


## ସମ୍ପନ୍ନ ହେଲା ସେନାପଟା ଲାଗି ଓ ବାହୁଟକଣ୍ଠ ନୀତି



ପୁରୀ, ୧୦।୬ (ଡିକେ ନ୍ୟୁଜ): ବୁଧବାର ସ୍ନାନ ଯାତ୍ରା। ପବିତ୍ର ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଶ୍ରୀମନ୍ଦିରରେ ଚତୁର୍ଥୀ ହୋମ ଓ ସେନାପଟା ଲାଗି ନୀତି ଅନୁଷ୍ଠିତ ହୋଇଥାଏ। ସ୍ନାନଯାତ୍ରାର ଅବ୍ୟବହିତ ପୂର୍ବରୁ ଶେଷ ହୋଇଛି ସେନାପଟା ଲାଗି ଓ ବାହୁଟକଣ୍ଠ ନୀତି। ସୋମବାର ରାତି ୨ଟା ୫ରେ ଶ୍ରୀମନ୍ଦିରରେ ଶେଷ ହୋଇଥିଲା ମହାପ୍ରଭୁଙ୍କ ବଡ ସିଂହାର ଭୋଗ। ରାତି ୨ଟା ୫ରେ ହୋଇଥିଲା ପହୁଡ଼ ଆଳତି। ଏହାପରେ ବିବାହଦିଅଁ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ପରେ ପରେ ମାଧବ ଓ ସରସ୍ୱତୀ ଦକ୍ଷିଣୀଘରକୁ ବିଜେ କରିଥିଲେ। ରାତି ସାଢ଼େ ଦୁଇଟାରେ ହୋଇଥିଲା ଶ୍ରୀମୁଖ ଖଣ୍ଡୁଆ। ପରେ ପରେ ହୋଇଥିଲା ବାହୁଟ କଣ୍ଠ। କୋଠସୁଁଆ ସିଆମାନେ ରାତି ୩ ଟା ୨୫ରେ ରତ୍ନସିଂହାସନରେ ଚାରମାଳ ବାନ୍ଧିବାକୁ ପ୍ରବେଶ କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଚାରମାଳ ବାନ୍ଧି କୋଠସୁଁଆସିଆମାନେ • ପୃଷ୍ଠା ୭ ଦେଖନ୍ତୁ...

## ରାଜ୍ୟର ୧୨ ଜିଲ୍ଲାକୁ ମାଡ଼ିଲାଣି କରୋନା

ଭୁବନେଶ୍ୱର, ୧୦।୬ (ହି.ସ): ରାଜ୍ୟର ୧୨ ଜିଲ୍ଲାକୁ ମାଡ଼ି ସାରିଲାଣି କରୋନା। ଅନୁଗୋଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୋନପୁର ଜିଲ୍ଲାରୁ ଚିହ୍ନଟ ହେଲେଣି କୋଭିଡ ପଜିଟିଭ। ସୋମବାର ସୁଦ୍ଧା ରାଜ୍ୟରୁ ଚିହ୍ନଟ ହୋଇଥିବା ମୋଟ ୫୬ କରୋନା ରୋଗୀଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୩ ଜଣ ଅଛନ୍ତି। କଟକରୁ ୧୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଗକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେବାକୁଥିବା ବେଳେ ପୁରୀ ଜିଲ୍ଲାରୁ ୩ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର, ଜଗତସିଂହପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ୨ ଜଣ ଲେଖାଏଁ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର, ଅନୁଗୋଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୋନପୁର ଜିଲ୍ଲାରୁ ଜଣେ ଲେଖାଏଁ କୋଭିଡରେ ଆକ୍ରାନ୍ତ ହୋଇଛନ୍ତି। ଦେଶରେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୮୧୫କୁ ବୃଦ୍ଧି ପାଇଛି। ମଙ୍ଗଳବାର ସକାଳ ୮ଟା ସୁଦ୍ଧା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଥିଲା। କେରଳରେ ସକ୍ରିୟ କରୋନ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ ୨୦୫୩ ରହିଛି। ଏଠାରେ ୯୬ଟି ନୂଆ ମାମଲା ସାମ୍ନାକୁ ଆସିଛି। ଅନ୍ୟପକ୍ଷରେ ଦିଲ୍ଲୀରେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଛି। ସୋମବାର ସେଠାରେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୨୮ ଥିବା ବେଳେ ମଙ୍ଗଳବାର ଏହା ୬୯୧ ରହିଛି।

# 'ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି ୨୭ କୋଟି, ପିଅନଠୁ ଆଇଏଏସ୍ ଯାଏଁ ସବୁ ଦୁର୍ନୀତିଖୋର ଗିରଫ'

## ଏକ ବର୍ଷର ରିପୋର୍ଟ କାର୍ଡ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୦।୬ (ଡିକେ ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଜୁନ ୯, ୨୦୨୪ ସ୍ୱାଧୀନ ଭାରତର ରାଜନୈତିକ ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଦିନ। ଏହି ଦିନ, ଦେଶର ସବୁଠାରୁ ଲୋକପ୍ରିୟ ଜନନାୟକ ନରେନ୍ଦ୍ର ମୋଦିଜୀ ଲଗାତାର ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ଏବଂ ସୋମବାର ମୋଦିଜୀଙ୍କ ଦ୍ୱାରା ନେତୃତ୍ୱାଧୀନ ସରକାର ସଫଳତାର ସହିତ ୧୧ ବର୍ଷ ପୁରା କରିବା ସହିତ ତୃତୀୟ ପାଳିର ପ୍ରଥମ ବାର୍ଷିକୀ ପୂରଣ କରିଥିଲା। ୨୬, ମେ' ୨୦୧୪ରେ ପ୍ରଥମ ଥର ପାଇଁ ଶପଥ ନେଇଥିବା ମୋଦି ସରକାରଙ୍କ ସଫଳତା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ରଚିତ ହୋଇରହିବ। ଏକ ଦୁର୍ନୀତିଗ୍ରସ୍ତ, ଅପାରଗ ଏବଂ ସାରା ଦେଶରେ ଖେଳିଯାଇଥିବା ନକରାତ୍ମକ ଭାବନା ବଦଳରେ ଆଶାର ଆଲୋକ ଖେଳିଯାଇଥିଲା। ଲୋକଙ୍କ ଆଶା ଭରସାକୁ ମୋଦି ସରକାର ଅତୁଟ ରଖିବାରେ ସମର୍ଥ ହୋଇଥିଲା, ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ମାନନୀୟ ମୋଦିଜୀ ସମର୍ଥ ହୋଇଥିଲେ। ଏହି ୧୧ ବର୍ଷର ସଫଳତାର ତାଲିକା ଅନେକ। କିନ୍ତୁ, ସଂକ୍ଷେପରେ କହିଲେ ଦେଶର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅବସ୍ଥାରେ ଅଭୁତପୂର୍ବ ପରିବର୍ତ୍ତନ ଆସିଥିଲା, ଦେଶ ପାଇଁ ତଥା ବ୍ୟକ୍ତିଗତ ସ୍ତରରେ। ଆମ ପାଇଁ ଦେଶ ହେଉଛି ସର୍ବୋପରି। ତେଣୁ, ଦେଶ କଥା କହିଲେ ମୋଦି-ସରକାରଙ୍କ ସବୁଠାରୁ ବଡ ଉଲ୍ଲେଖନୀୟ ସଫଳତା ହେଉଛି, ସମ୍ବିଧାନର ଅନୁଚ୍ଛେଦ ୩୭୦ର ଉଚ୍ଛେଦ କରି ଜାମ୍ମୁ ଓ କାଶ୍ମୀରକୁ ଦେଶ ସହିତ ସଂପୂର୍ଣ୍ଣ ଭାବରେ ଏକତ୍ର କରିବା, ଦେଶର ମହିଳାଙ୍କ ରାଜନୈତିକ ସଶକ୍ତିକରଣ ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମ, ଟ୍ରିପଲ ତଲାକ ଉଚ୍ଛେଦ, ଦେଶରେ ଏକକ ଜିଏସ୍‌ଟିର ପ୍ରଚଳନ, କୋଭିଡ ବିରୁଦ୍ଧରେ ଲୋକଙ୍କୁ ସୁରକ୍ଷିତ ରଖିବା ମହତ୍ତ୍ୱପୂର୍ଣ୍ଣ। ବ୍ୟକ୍ତିଗତ ସ୍ତରରେ ସଫଳତା ଏଥିରୁ ଅନୁମାନ କରିହେବ ଯେ ବିଶ୍ୱ ବ୍ୟାଙ୍କର ସଦ୍ୟତମ ରିପୋର୍ଟ ଅନୁସାରେ ୧୩ ବର୍ଷ ମଧ୍ୟରେ ଦେଶରେ ଅତ୍ୟଧିକ ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କ ସଂଖ୍ୟା ୨୭.୧ ପ୍ରତିଶତରୁ ୫.୩ ପ୍ରତିଶତକୁ ହ୍ରାସ ପାଇଛି ଅର୍ଥାତ ଏହି ସମୟ ଭିତରେ ପ୍ରାୟ ୨୭ କୋଟି ଲୋକ ଅତ୍ୟନ୍ତ ଦାରିଦ୍ର୍ୟ ତାଡନାରୁ ମୁକ୍ତ ହୋଇଛନ୍ତି। ଏହି ଗୋଟିଏ ମାପଦଣ୍ଡରୁ ଆପଣମାନେ ମୋଦି ସରକାରଙ୍କ ସାଧାରଣ ଜନତାଙ୍କ ବିକାଶ ବିଷୟରେ ଜାଣିପାରିବେ। ଆଜି ସାଧାରଣ ଜନତାଙ୍କ ଜୀବନ ଶୈଳୀରେ ବହୁତ ଉନ୍ନତି ପରିଲକ୍ଷିତ ହୋଇଛି। ବିଭିନ୍ନ ଯୋଜନା ଯେପରିକି ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ଯୋଜନା, ନୂତନ ଶିକ୍ଷା ନୀତି, ଜନଧନ ଯୋଜନା, ବେଟି ବଚାଓ ବେଟି ପଢାଓ ଇତ୍ୟାଦି ଦେଶର ସାଧାରଣ ଜନତାଙ୍କ ସାମାଜିକ ଓ ରାଜନୈତିକ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିଛି। ତୃତୀୟ ପାଳିର ପ୍ରଥମ ବର୍ଷର ଶେଷ ଆଡକୁ, ଦେଶର ଇତିହାସରେ ଏକ 'ନୂଆ ଅଧ୍ୟାୟ' ଯୋଡା ହେଲା। ଦେଶରେ ଆତଙ୍କବାଦର କଡା ଜବାବ ଦେବା ପାଇଁ ଗତ ପଚାଶ ବର୍ଷରେ ଇତିହାସ ସୃଷ୍ଟି କରି ପଡୋଶୀ ଦେଶ ଭିତରେ ପଶି ଆତଙ୍କବାଦକୁ ସଫା କରିବା ପାଇଁ 'ଅପରେଶନ ସିନ୍ଦୁର' ପାଇଁ ମୋଦିଜୀ ନିର୍ଣ୍ଣୟ ନେଇଥିଲେ। ଆଜି ସାରା ବିଶ୍ୱରେ ଭାରତ ଆତଙ୍କବାଦ ବିରୁଦ୍ଧରେ ଲଢେଇ ପାଇଁ ସବୁଠାରୁ ଆଗରେ। 'ଅପରେଶନ ସିନ୍ଦୁର' କେବଳ ଏକ ନାଁ ନୁହେଁ, ଏହା ଦେଶର ସୁରକ୍ଷା ତଥା ଭାରତର କୋଟିକୋଟି ମାତା ଏବଂ ଭଉଣୀଙ୍କ ପାଇଁ ସମ୍ମାନର ଗ୍ୟାରେଣ୍ଟି। ତେଣୁ, ଆଜି ସାରା ଦେଶରେ ଗୁଞ୍ଜରିତ ହେଉଛି 'ମୋଦି ହୈ, ତୋ ମୁମକିନ ହୈ'। ଆଜିର ଦିନରେ ମୁଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ତଥା ତାଙ୍କ ସରକାରକୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି। ଏହା ମଧ୍ୟରେ ଆମ ସରକାର ଗଠନ ହେବାର ଏକ ବର୍ଷ ପୂରଣ ହେବାକୁ ଯାଉଛି। ଆଉ ମାତ୍ର ୨ ଦିନ ପରେ ସମ୍ପୂର୍ଣ୍ଣ ଏକ ବର୍ଷ ପୂରଣ ହେବ। ସର୍ବ ପ୍ରଥମେ ମୁଁ ଗଣମାଧ୍ୟମ, ବିଶେଷଭାବେ ଓଡିଶାର ଗଣ ମାଧ୍ୟମକୁ ଧନ୍ୟବାଦ ଅର୍ପଣ କରିବି। ଗତ ଏକ ବର୍ଷ ମଧ୍ୟରେ ଆପଣମାନେ ସରକାରଙ୍କ କାର୍ଯ୍ୟକ୍ରମର ରୂପରେଖ, ସଫଳତା ଏବଂ ବିଭିନ୍ନ ସମସ୍ୟା ଇତ୍ୟାଦି ଲୋକଙ୍କୁ ଜଣାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛନ୍ତି। ଗଠନମୂଳକ ସମାଲୋଚନା ମାଧ୍ୟମରେ ବି ହେଉ, ସକାରାତ୍ମକ ମତାମତ ଦ୍ୱାରା ଆମ ସରକାରଙ୍କୁ ଚଳଚଞ୍ଚଳ କରି ରଖିବାରେ ଆପଣମାନଙ୍କର ଭୂମିକା ଉଲ୍ଲେଖଯୋଗ୍ୟ। ଏହି ସ୍ୱଳ୍ପ ସମୟ ଭିତରେ ଆମେ ରାଜ୍ୟର ସାଢେ ଚାରିକୋଟି ଜନତାଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ଓ ସଫଳ ହୋଇଛୁ। ଏହାର ସବୁଠାରୁ ବଡ ପ୍ରମାଣ ହେଉଛି ମାତ୍ର କିଛି ଦିନ ଭିତରେ ସାଧାରଣ ଜନତା ନୂତନ ସରକାରକୁ 'ଲୋକଙ୍କ ସରକାର' ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଭାବେ ଅଭିହିତ କରିଛନ୍ତି। ଏକ ବର୍ଷର ଏହି ସଫଳ ଯାତ୍ରାରେ ସବୁସ୍ତରରୁ ଆମକୁ ସହଯୋଗ ମିଳିଛି। ଶୁଭକାମନା ମିଳିଛି। ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମର ସବୁ ପ୍ରମୁଖ ପ୍ରତିଶ୍ରୁତିକୁ ଆମେ ପୂରଣ କରି ପାରିଛୁ। ଆମର ପ୍ରତ୍ୟେକ କାର୍ଯ୍ୟକ୍ରମ ପଛରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ମାର୍ଗଦର୍ଶନ ରହିଛି। ଆମର ସବୁ ଉଦ୍ୟମରେ ସେ ଆମ ପାଖକୁ ଆସିଛନ୍ତି ଏବଂ ତାଙ୍କ ପ୍ରେରଣାରେ ଆମର ସବୁ କାର୍ଯ୍ୟକ୍ରମ ସଫଳତାର ଶୀର୍ଷରେ ପହଞ୍ଚିଛି। ଆଗାମୀ ୨୦ ତାରିଖରେ ମଧ୍ୟ ସେ ଷଷ୍ଠ ଥର ପାଇଁ ଓଡିଶା ଆସିବେ ଏବଂ ଓଡିଶାବାସୀଙ୍କ • ପୃଷ୍ଠା ୭ ଦେଖନ୍ତୁ...

## ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ: ୧୪ରୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୧୦।୬ (ହି.ସ): ଦକ୍ଷିଣ ପୂର୍ବ ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୋମବାର ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଘନୀଭୂତ ହୋଇ ଆସନ୍ତା ୧୪ରୁ ୧୬ ତାରିଖ ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଲଘୁଚାପର ରୂପ ନେବା ସମ୍ଭାବନା ରହିଛି। ତେଣୁ ୧୨ ତାରିଖ ପରଠାରୁ ରାଜ୍ୟ ପାଗରେ ପରିବର୍ତ୍ତନ ହେବା ସହିତ ୧୪ ତାରିଖଠାରୁ ଧୀରେ ଧୀରେ ବର୍ଷାର ବିସ୍ତୃତି ବଢ଼ିପାରେ। ଏଥିସହ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୧୩ ପର୍ଯ୍ୟନ୍ତ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ନେଇ ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ କ୍ରମଶଃ ଘନୀଭୂତ ହେବ। ଫଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟ ଭିତରକୁ ପ୍ରବାହିତ ହେବ। ଏହାପରେ ୧୪ ତାରିଖ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ, ଯାହା ମୌସୁମୀକୁ ଆହୁରି ସକ୍ରିୟ କରିବ। ତେବେ ଲଘୁଚାପ ସୃଷ୍ଟି ହେଲେ ମୌସୁମୀ କେଉଁ ଦିଗରେ ଗତି କରିବ ଓ କେଉଁ ଜିଲ୍ଲାରେ ଏହାର ପ୍ରଭାବ କିଭଳି ରହିବ ତାହା • ପୃଷ୍ଠା ୭ ଦେଖନ୍ତୁ...

### ଭୁବନେଶ୍ୱର ସହରାଞ୍ଚଳ ପୋଲିସର ଆରକ୍ଷୀ ଉପଆୟୁକ୍ତଙ୍କ ନବନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟିତ

## କମିଶନରେଟ ପୋଲିସ ପାଇଁ ୪୨୫ଟି ଦୁଇ ଚକିଆ ଯାନ ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୦।୬ (ହି.ସ): ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଅର୍ବାନ ପୋଲିସ ଆରକ୍ଷୀ ଉପଆୟୁକ୍ତଙ୍କ ନବନିର୍ମିତ କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୨୭୨ ବର୍ଗମିଟର ଅଞ୍ଚଳରେ ୭ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ଚାରିମହଲା ବିଶିଷ୍ଟ ଏହି ନୂତନ କାର୍ଯ୍ୟାଳୟ ସୌଧଟି ନିର୍ମାଣ ହୋଇଛି। ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୂଆ ଭବନ ଲୋକମାନଙ୍କୁ ଉତ୍କୃଷ୍ଟ ସେବା ଦେବାରେ ସାହାଯ୍ୟ କରିବ। ଏଥିରେ ଭିନ୍ନକ୍ଷମ ଲୋକଙ୍କ ପାଇଁ ରାମ୍ପ, ସାଇବର ସେଲ, ସିସିଟିଏନଏସ ରୁମ୍, ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍, ଲିଗାଲ ସେଲ, ପାସପୋର୍ଟ ବିଭାଗ ଆଦି ସୁବିଧା ଉପଲବ୍ଧ କରାଯାଇଛି। ଏଥିସହିତ ସମ୍ମିଳନୀ କକ୍ଷ ଏବଂ ଟ୍ରେନିଂ ହଲର ସୁବିଧା ମଧ୍ୟ ରହିଛି। ଏହି ନୂଆ ଭବନଟି ପୋଲିସ ପ୍ରଶାସନକୁ ଦକ୍ଷତାର ସହ ଲୋକଙ୍କୁ ଠିକ୍ ସମୟରେ ସେବା ଯୋଗାଇ ଦେବାପାଇଁ ଉପଯୋଗୀ ହେବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଗତ ମାର୍ଚ୍ଚ ମାସରେ ୪୨ କୋଟି ଟଙ୍କା ବ୍ୟୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ନିର୍ମିତ ୧୪ଟି ନୂତନ ଥାନା ଉଦ୍‌ଘାଟିତ ହୋଇଥିଲା। ସେ କହିଥିଲେ ଆମ ପୋଲିସ ନିରପେକ୍ଷ ଭାବେ ବିନା ପକ୍ଷପାତିତା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଗତ ଏକ ବର୍ଷରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସନ୍ତୋଷ ଜନକ ରହିଛି ଏବଂ ଏଥିନେଇ କେନ୍ଦ୍ର ସରକାର ମଧ୍ୟ ସନ୍ତୋଷ ବ୍ୟକ୍ତ କରିଛନ୍ତି। ରାଜ୍ୟରେ ପ୍ରତ୍ୟେକ ଥାନାରେ କାର୍ଯ୍ୟରତ ତଦନ୍ତକାରୀ ଅଫିସରମାନଙ୍କୁ ଅଧିକ କ୍ରିୟାଶୀଳ କରିବା ପାଇଁ ଅଧିକ ଦୁଇ ଚକିଆ ଯାନର ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ଏହି କ୍ରମରେ ମୁଖ୍ୟମନ୍ତ୍ରୀ କମିଶନରେଟ ପୋଲିସ ଅନ୍ତର୍ଗତ ବିଭିନ୍ନ ଥାନାର ତଦନ୍ତକାରୀ ଅଫିସରମାନଙ୍କୁ ୪୨୫ଟି ଦୁଇ ଚକିଆ ଯାନ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଥାନାମାନଙ୍କୁ ଅଧିକ ଚାରି ଚକିଆ ଯାନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଅପରାଧିକ ଆଇନ ଗୁଡ଼ିକର ତଦନ୍ତ ପ୍ରକ୍ରିୟାରେ ଟେକ୍ନୋଲୋଜିର ପ୍ରୟୋଗ ପାଇଁ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂହ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିସିପି ଭୁବନେଶ୍ୱର ଜଗମୋହନ ମୀନା ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍କୁଲରେ ଆଖି ବୁଜା ଗୁଳିମାଡ଼, ଚାଲିଗଲା ୧୧ ଜୀବନ

ନୂଆଦିଲ୍ଲୀ, ୧୦।୬ (ହି.ସ): ଅଷ୍ଟ୍ରିଆର ଏକ ସ୍କୁଲରେ ଆଖିବୁଜା ଗୁଳିମାଡ ହୋଇଛି। ସ୍କୁଲର ଜଣେ ଛାତ୍ର ଏହି ଗୁଳିକାଣ୍ଡ ଘଟାଇଛନ୍ତି। ଅଷ୍ଟ୍ରିଆର ଦ୍ୱିତୀୟ ବୃହତ୍ତମ ସହର ଗ୍ରାଜର ଏହି ସ୍କୁଲ ଅବସ୍ଥିତ। ଅଷ୍ଟ୍ରିଆର ପ୍ରେସ୍ ଏଜେନ୍ସି ଏପିଏର ରିପୋର୍ଟ ଅନୁଯାୟୀ, ଗ୍ରାଜ୍ ସହରର ମେୟର କହିଛନ୍ତି ଯେ, ଏହି ଗୁଳିକାଣ୍ଡରେ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ଏଥିସହିତ ୨୮ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ସ୍କୁଲର ଜଣେ ଛାତ୍ର ବନ୍ଧୁକ ଧରି ସ୍କୁଲରେ ପହଞ୍ଚିଥିଲେ ଏବଂ ଏହି ସମୟରେ ସେ ତାଙ୍କ ସାମ୍ନାରେ ଯାହାକୁ ଦେଖିଲେ ଅଚାନକ ଗୁଳି ଚଳାଇଥିଲେ। ଏହା ପରେ, ଛାତ୍ର ଜଣକ ଶୌଚାଳୟକୁ ଯାଇ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ପୋଲିସ କହିଛି ଯେ, ସେମାନେ ସକାଳ ୧୦ଟା (ସ୍ଥାନୀୟ ସମୟ)ରେ ସୂଚନା ପାଇଥିଲେ ଏବଂ କିଛି ସମୟ ପରେ ସ୍କୁଲ କୋଠା ଭିତରୁ ଗୁଳି ଫୁଟିବା ଶବ୍ଦ ଶୁଣିବାକୁ ପାଇଥିଲେ। ସ୍ଥାନୀୟ ପୋଲିସ ଲୋକମାନଙ୍କୁ ସେହି ଅଞ୍ଚଳରୁ ଦୂରରେ ରହିବାକୁ ଏବଂ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିବାକୁ ପରାମର୍ଶ ଦେଇଛି। ପୋଲିସ • ପୃଷ୍ଠା ୭ ଦେଖନ୍ତୁ...











# ପ୍ରକାଶ ପାଇଲା ଓଜେଇଇ-୨୦୨୫ ପରୀକ୍ଷା ଫଳାଫଳ




ଭୁବନେଶ୍ୱର, ୧୦।୬ (ହି.ସ): ଓଜେଇଇ-୨୦୨୫ ପରୀକ୍ଷା ଫଳ ପ୍ରକାଶ ପାଇଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହି ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଛନ୍ତି। ପରୀକ୍ଷା ଫଳାଫଳ ପୁସ୍ତିକା ଉନ୍ମୋଚନ ବେଳେ ମନ୍ତ୍ରୀଙ୍କ ସମେତ ବିଭାଗର ଶାସନ ସଚିବ, ବୈଷୟିକ ଶିକ୍ଷା ନିର୍ଦ୍ଦେଶକ, ଅତିରିକ୍ତ ଶାସନ ସଚିବ, ଓଜେଇଇର ଅଧ୍ୟକ୍ଷ ଏବଂ ସଚିବ ଉପସ୍ଥିତ ଥିଲେ। ପରୀକ୍ଷାର୍ଥୀ ସେମାନଙ୍କ ରାଙ୍କ କାର୍ଡ www.ojee.nic.in ରେ ପାଇପାରିବେ। ବି. ଫାର୍ମାରେ ଯତୀନ ବେହେରା ଟପ୍ପର ହୋଇଛନ୍ତି। ସେହିପରି ଏମବିଏରେ ଅନୁରାଗ ମିଶ୍ର, ଏମସିଏରେ ଏସ. ସିଶ୍ରେନ୍ଦ୍ରୀ, ଏମ. ଫାର୍ମାରେ ହିତେଶ କୁମାର ଧଳ ଟପ୍ପର ହୋଇଛନ୍ତି। ଲେଟରାଲ-ଟେକ୍ନୋଲୋଜି (ଡିପ୍ଲୋମା) ପରୀକ୍ଷାରେ ଗୌରବ ସ୍ୱାଇଁ, ଲେଟରାଲ ଏଣ୍ଟ୍ରି-ଟେକ୍ନୋଲୋଜି (ବିଏସସି)ରେ ସାକ୍ଷୀ କୁମାରୀ, ଏଣ୍ଟ୍ରି-ଟେକ୍ନୋଲୋଜି-ଫାର୍ମାସିରେ ସାଗରିକା ଦାଶ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନମାନଙ୍କରେ ପ୍ରଚଳିତ ୧୭ଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ହୋଇଥିଲା। ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା ମାଧ୍ୟମରେ ପ୍ରବେଶିକା ପରୀକ୍ଷା କରଯାଇଥିଲା। ଚଳିତ ବର୍ଷ ରାଜ୍ୟର ସମସ୍ତ ୩୦ ଜିଲ୍ଲା ସହିତ ରାଜ୍ୟ ବାହାରେ ୩ଟି ସହର ଯଥା କଲିକତା, ପାଟଣା ଏବଂ ରାଞ୍ଚିରେ, ସର୍ବ ମୋଟ ୭୦ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଚଳିତବର୍ଷ ସମୁଦାୟ ୯୨.୪୮୮ ପରୀକ୍ଷାର୍ଥୀ ପଞ୍ଜୀକୃତ ହୋଇଥିବା ବେଳେ ୮୦,୩୨୪ ପରୀକ୍ଷାର୍ଥୀ (୮୬.୮୪ ପ୍ରତିଶତ) ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ। ନର୍ସିଂ ପାଠ୍ୟକ୍ରମ ବ୍ୟତୀତ, ଅନ୍ୟାନ୍ୟ ପାଠ୍ୟକ୍ରମ ମଧ୍ୟରୁ ୫୫,୩୬୨ ପରୀକ୍ଷାର୍ଥୀଙ୍କୁ ନିଜ ନିଜର ପ୍ରଦର୍ଶନ ଅନୁଯାୟୀ ସେମାନଙ୍କର ଅନୁରୂପ ପାଠ୍ୟକ୍ରମରେ ସ୍ଥାନ ଦିଆଯାଇଛି। ନର୍ସିଂ ପାଠ୍ୟକ୍ରମର ଫଳାଫଳ ରାଜ୍ୟ ଡିଏମ୍ଇଟି ତରଫରୁ ପ୍ରକାଶ କରାଯିବ ବୋଲି କହିଛନ୍ତି ମନ୍ତ୍ରୀ।

# ରେକର୍ଡ ସ୍ତରରେ ରୁପା ଦର



**ନୂଆଦିଲ୍ଲୀ,(ହି.ସ):** ବିଗତ କିଛି ମାସ ହେବ ଦେଶରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର। ମାତ୍ର କିଛି ଦିନର ବ୍ୟବଧାନ ପରେ ଦେଶରେ ସୁନା ଓ ରୁପାର ଚାହିଦା ପୁଣି ଥରେ ବଢ଼ିଛି। ସୁନା ଦର ୧୦ ଗ୍ରାମ ପିଛା ୧ ଲକ୍ଷ ଟଙ୍କା ନିକଟତର ହେଉଥବାବେଳେ ରୁପା ମୂଲ୍ୟ ମଧ ଲକ୍ଷେ ଟଙ୍କା ଉପରକୁ ଯାଇଛି। ଏଥିରେ ସୁନା ମୂଲ୍ୟକୁ ରୁପା ଦର ଟପିଯାଇଛି। ଯାହାଫଳରେ ଆଜି ଘରୋଇ ବଜାରରେ ରୁପା କିଲୋ ପିଛା ୧.୦୮ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରି ଏକ ନୂଆ ରେକର୍ଡ ପ୍ରତିଷ୍ଠା ହୋଇଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ ଦିଲ୍ଲୀ ଦରକୁ ଟପିଯାଇଛି। ସହରରେ ରୁପା କିଲୋ ପିଛା ୧.୧୦ ଲକ୍ଷ ଟଙ୍କାରେ ପହଞ୍ଚିଛି। ସୋମବାର ଘରୋଇ ବଜାରରେ ପୁଣି ଥରେ ରୁପା ମୂଲ୍ୟରେ ବୃଦ୍ଧି ଘଟିଛି। ଭୁବନେଶ୍ୱରରେ ଆଜି ରୁପା କିଲୋ ପିଛା ୧,୧୦,୪୦୦ ଟଙ୍କା ଛୁଇଁଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୮୯,୫୫୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୯୭,୬୯୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ଗୋଟିଏ ଦିନରେ ରୁପା କିଲୋ ପିଛା ୧୦୦୦ ଟଙ୍କା ବୃଦ୍ଧି ପାଇ ୧,୦୮,୧୦୦ ଟଙ୍କାରେ ପହଞ୍ଚିଛି। ଏହି ସମୟରେ ୯୯.୯ ପ୍ରତିଶତ ଶୁଦ୍ଧ ବା ୨୪ କ୍ୟାରେଟ୍ ସୁନା ମୂଲ୍ୟରେ ୨୮୦ ଟଙ୍କା ହ୍ରାସ ପାଇ ୧୦ ଗ୍ରାମ ପିଛା ୯୭,୭୮୦ ଟଙ୍କା ହୋଇଛି। ଦୃଢ଼ ବିଶ୍ୱ ସଙ୍କେତ ମଧରେ ଦିଲ୍ଲୀରେ ରୁପା ମୂଲ୍ୟ ପୁଣି ଥରେ ଶୀର୍ଷ ସ୍ତର ଛୁଇଁଛି। ରୁପା ମୂଲ୍ୟ ୧.୦୮ ଲକ୍ଷ ଟଙ୍କା ପ୍ରତି କିଲୋଗ୍ରାମରେ ପହଞ୍ଚିବା ଏକ ନୂତନ ରେକର୍ଡ। ସେହିପରି ୨୨ କ୍ୟାରେଟ୍ ସୁନା ମୂଲ୍ୟରେ ୨୫୦ ଟଙ୍କା ହ୍ରାସ ପାଇ ୧୦ ଗ୍ରାମ ପିଛା ଏହା ୯୭,୩୫୦ ଟଙ୍କା ରହିଥିବା ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ପୂର୍ବରୁ, ଶନିବାର ଦିନ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୧,୬୩୦ ଟଙ୍କା ହ୍ରାସ ପାଇ ୯୮,୦୬୦ ଟଙ୍କାରେ ପହଞ୍ଚିଥିଲା। ସେହି ସମୟରେ, ରୁପାର ମୂଲ୍ୟ ପ୍ରତି କିଲୋଗ୍ରାମ ପିଛା ୧,୦୭,୧୦୦ ଟଙ୍କାରେ ସ୍ଥିର ରହିଥିଲା। ବ୍ୟବସାୟୀମାନେ କହିଛନ୍ତି ଯେ ନିବେଶକଙ୍କ ପ୍ରବଳ ଚାହିଦା, ଦୁର୍ବଳ ଡଲାର, ଭୂ-ରାଜନୈତିକ ଉତ୍ତେଜନା ଏବଂ ଇଭି ଏବଂ ସୌର ଶିଳ୍ପରେ ଚାହିଦାରେ ବୃଦ୍ଧି ଯୋଗୁଁ ରୁପା ମୂଲ୍ୟ ଏପରି ଉପରମୁହାଁ ହେଉଛି। ଆମେରିକା-ଚୀନ୍ ବାଣିଜ୍ୟ ଆଲୋଚନା ଏବଂ ପେରୋଲ୍ ରିପୋର୍ଟ ଯୋଗୁଁ ସୁନା ଦୁର୍ବଳ ହୋଇଛି। ବିଶ୍ୱ ବଜାରରେ ସ୍ପଟ୍ ବଜାରରେ ସୁନା ମୂଲ୍ୟ ସାମାନ୍ୟ ବୃଦ୍ଧି ପାଇ ଆଉନ୍ସ ପିଛା ୩,୩୧୨.୮୪ ଡଲାରରେ ପହଞ୍ଚିଛି। ଏସବୁବାଦ୍ ଆନ୍ତର୍ଜାତୀୟ ବଜାରରେ ରୁପା ମୂଲ୍ୟରେ ୦.୯ ପ୍ରତିଶତ ବୃଦ୍ଧି ପାଇ ଆଉନ୍ସ ପ୍ରତି ଏହା ୩୬.୩୦ ଡଲାରରେ ପହଞ୍ଚିଛି।

# ବ୍ରହ୍ମପୁରର ବିଜୁଳି ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରୁଛି ଟିପିଏସ୍‌ଓଡିଏଲ୍

**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ବ୍ରହ୍ମପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ କନିଷି ପ୍ରାଇମେରୀ ସବଷ୍ଟେସନ (ପିଏସଏସ୍)ର ଉନ୍ନତିକରଣ କରାଯାଇଛି। ଏହି ପଦକ୍ଷେପ ପରେ ସହରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଅଞ୍ଚଳରେ ଭରସାଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଛି ଏବଂ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ ହେବା ସହ ଅପରେସନାଲ ସୁରକ୍ଷା ସୁନିଶ୍ଚିତ ହୋଇଛି। ଏହି ପଦକ୍ଷେପରେ ହଳଦିଆପଦରକୁ ବିଦ୍ୟୁତ୍ ଯୋଗାଉଥିବା ଗୋଟିଏ ଟ୍ରାନ୍ସଫର୍ମରର କ୍ଷମତା ୩.୧୫ ଏମଭିଏ ରୁ ୮ ଏମଭିଏକୁ ବୃଦ୍ଧି କରାଯାଇଛି। ଯାହା ଫଳରେ ସବଷ୍ଟେସନର ମୋଟ କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ପାଇଛି। ଏହା ଦ୍ୱାରା ଓଭରଲୋଡିଂ ସମସ୍ୟା ହ୍ରାସ ପାଇବ ଏବଂ ହଳଦିଆପଦର,



ଅଟୋନଗର, କନିଷି ଓ ଆଖପାଖ ଅଞ୍ଚଳର ପ୍ରାୟ ୭,୦୦୦ ଲୋକଙ୍କ ବିଜୁଳି ଚାହିଦା ପୂରଣ ହୋଇପାରିବ। ଏହାସହ ଟୁଲୁ, ରଣ୍ଡା ଅଞ୍ଚଳର ଦୁଇଟି ପାୱାର ଟ୍ରାନ୍ସଫର୍ମର ଯଥାକ୍ରମେ ୫ ଏମଭିଏ ଏବଂ ୩.୧୫ ଏମଭିଏ କ୍ଷମତାରେ ଚାଲୁଅଛି। ତିନୋଟି ଟ୍ରାନ୍ସଫର୍ମରର ମୋଟ କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ପାଇଛି। ସୁରକ୍ଷା ଏବଂ ସୁଦୃଢ଼ ଭିତ୍ତିଭୂମି ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଥିରେ ପିଏସଏସ୍ ପରିସରରେ ୧୧ କେଭି ଓଭରହେଡ ଲାଇନ୍ ବଦଳରେ ଭୂତଳ ଲାଇନ୍ ସଂଯୋଗ, ସ୍ୱିଚୟାର୍ଡ ଚାରିପାଖରେ ଚେନ୍ ଲିଙ୍କ ଫେନ୍ସିଂ ସ୍ଥାପନ, ସବ୍‌ଷ୍ଟେସନର ନବୀକରଣ, ପାରମ୍ପରିକ କାନ୍ଥ ବଦଳରେ ଡିଟାଚେବଲ୍ ଗ୍ରିଲ୍ ସ୍ଥାପନ ଏବଂ କର୍ମଚାରୀ ଓ ଉପଭୋକ୍ତାଙ୍କ ସୁରକ୍ଷିତ ଯା'ଆସ ପାଇଁ ଏକ ସ୍ୱତନ୍ତ୍ର ମାର୍ଗ ତିଆରି କରାଯାଇଛି। ଏହି ଭିତ୍ତିଭୂମି ବିକାଶ ପଦକ୍ଷେପ ସମ୍ପର୍କରେ ମତ ଦେଇ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଦକ୍ଷିଣ ଓଡ଼ିଶାରେ ଏକ ସୁଦୃଢ଼ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ କରିବା ହେଉଛି ଆମର ଉଦ୍ଦେଶ୍ୟ। କନିଷି ପ୍ରାଇମେରୀ ସବଷ୍ଟେସନର କ୍ଷମତା ବୃଦ୍ଧି ପରେ ବ୍ରହ୍ମପୁର ବାସିନ୍ଦା ଏବଂ ବ୍ୟାବସାୟିକ ଅନୁଷ୍ଠାନଗୁଡ଼ିକ ଭରସାଯୋଗ୍ୟ ଓ ସୁରକ୍ଷିତ ବିଜୁଳି ସେବା ପାଇବେ, ଯାହା ସ୍ଥାନୀୟ ଅଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶରେ ସହାୟକ ହେବ। ଏହି ପଦକ୍ଷେପ ବ୍ରହ୍ମପୁର ସହରରେ ଉନ୍ନତ ବିଜୁଳି ସେବା ଯୋଗାଇ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି। ସୁରକ୍ଷିତ ଏବଂ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ଦିଗରେ କମ୍ପାନୀ ଏହାର ପ୍ରୟାସ ଜାରି ରଖିଛି।

## ନୂଆ ଫିଚର ଫୋନ ୟୁଜରଙ୍କ ପାଇଁ ଫୋନପେ ଚାଲୁ କରିବ ୟୁପିଆଇ ପେମେଣ୍ଟ




**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଫୋନପେ ଲିମିଟେଡ ("ଫୋନପେ"), ଫିଚର ଫୋନଗୁଡ଼ିକ ପାଇଁ ୟୁପିଆଇ ମାଧମରେ ପେମେଣ୍ଟ ଚାଲୁ କରିବାକୁ ବାର୍ତ୍ତାଳାପଭିତିକ ଯୋଗାଯୋଗର ପ୍ଲାଟଫର୍ମ ଗପସପର ମାଲିକାନାରେ ଥିବା 'ଜିଏସପପେ' ଟେକ୍ନୋଲୋଜି ଷ୍ଟାକରୁ ଏକ ଆଇପି କିଣିବା ବିଷୟରେ ଘୋଷଣା କରିଛି। ଜିଏସପେ ହେଉଛି ଫିଚର ଫୋନଗୁଡ଼ିକ ପାଇଁ ଏନପିସିଆଇର ଉନ୍ନତ ୟୁପିଆଇ ପେମେଣ୍ଟ ବ୍ୟବସ୍ଥାକୁ ଭିତି କରି ବିକଶିତ କରାଯାଇଥିବା ଏକ ମୋବାଇଲ ଆପ୍ଲିକେସନ (ୟୁପିଆଇ ୧୨୩ପେ)। ଫୋନପେ ସମ୍ପ୍ରତି ଅଧିଗ୍ରହଣ କରାହୋଇଥିବା ଏହି ଜିଏସପେ ଆଇପିକୁ କଷ୍ଟମାଇଜ ତଥା ବିସ୍ତାର କରିବାକୁ ଯୋଜନା କରୁଛି ଏବଂ ଆଗାମୀ କିଛି ମାସ ମଧରେ ଭାରତରେ ନୂତନ ଫିଚର ଫୋନରେ ନିଜର ଫିଚର-ଫୋନ ଆଧାରିତ ୟୁପିଆଇ ପେମେଣ୍ଟ ମୋବାଇଲ ଆପ ଚାଲୁ କରିବାକୁ ଯୋଜନା କରୁଛି। ଫୋନପେ ପି୨ପି ଟ୍ରାନ୍ସଫର, ଅଫଲାଇନ କ୍ୟୁଆର ପେମେଣ୍ଟ ଏବଂ ଅନ୍ୟ କୌଣସି ୟୁପିଆଇ ଗ୍ରାହକଙ୍କଠାରୁ ସେମାନଙ୍କ ମୋବାଇଲ ନମ୍ବର କିମ୍ବା ନିଜସ୍ୱ-କ୍ୟୁଆର ମାଧମରେ ଟଙ୍କା ଗ୍ରହଣ କରିବା ପରି ସମସ୍ତ ମୌଳିକ ୟୁପିଆଇ ବୈଶିଷ୍ଟ୍ୟଗୁଡ଼ିକ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହାର ଲକ୍ଷ୍ୟ ହେଉଛି ଫିଚର ଫୋନ ଏବଂ ସ୍ମାର୍ଟଫୋନ ୟୁଜରମାନଙ୍କ ମଧରେ ପେମେଣ୍ଟ ପାଇଁ ସମ୍ପୂର୍ଣ୍ଣ ଆନ୍ତଃକାର୍ଯ୍ୟକ୍ଷମତା ସୃଷ୍ଟି କରିବା ଏବଂ ଆଜି ମଧ ଫିଚର ଫୋନ ବ୍ୟବହାର କରୁଥିବା କୋଟି କୋଟି ଭାରତୀୟଙ୍କୁ ଭାରତୀୟ ଡିଜିଟାଲ ପେମେଣ୍ଟ ଇକୋସିଷ୍ଟମରେ ସାମିଲ କରିବା। ଏହି ଅଧିଗ୍ରହଣ ବିଷୟରେ ମନ୍ତବ୍ୟ ଦେଇ ଫୋନପେ'ର ସହ-ପ୍ରତିଷ୍ଠାତା ଏବଂ ସିଇଓ ସମୀର ନିଗମ କହିଛନ୍ତି, "ଆମେ ଜିଏସପେ ଟେକ୍ନୋଲୋଜି ଷ୍ଟାକ ଅଧିଗ୍ରହଣ କରିବା ସହିତ ଏହାକୁ ବ୍ୟବହାର କରି ଭାରତର ବ୍ୟାପକ ସଂଖ୍ୟକ ଫିଚର ଫୋନ ୟୁଜରମାନଙ୍କ ପାଖରେ ୟୁପିଆଇ ପେମେଣ୍ଟ ପହଞ୍ଚାଇ ପାରିଥିବାରୁ ଅତ୍ୟନ୍ତ ଆନନ୍ଦିତ। ଡିଜିଟାଲ ଆର୍ଥିକ ଶିଳ୍ପ ଏବଂ ବୃହତର ଷ୍ଟାର୍ଟଅପ ଇକୋସିଷ୍ଟମରୁ ଏହି ୟୁଜରମାନେ ଚିରଦିନ ବଞ୍ଚିତ ରହିଥିଲେ। ଆମେ ଆଶା କରୁଛୁ ଯେ ଆମେ ଏହି କୋଟି କୋଟି ଫିଚର ଫୋନ ଗ୍ରାହକଙ୍କୁ ଭାରତର ବର୍ଦ୍ଧିତ ଡିଜିଟାଲ ପେମେଣ୍ଟ ବଜାରରେ ଅଂଶଗ୍ରହଣ କରିବା ପାଇଁ ସକ୍ଷମ କରିପାରିବୁ।"

## ରେଆର ଆର୍ଥ ମ୍ୟାଗ୍ନେଟ୍ ଯୋଗାଣ ବନ୍ଦ କରିଛି ଚୀନ୍: ବନ୍ଦ ହୋଇଯିବ ଇଭି, ଇଲେକ୍ଟ୍ରୋନିକ୍ସ କମ୍ପାନୀ

**ନୂଆଦିଲ୍ଲୀ,(ହି.ସ):** ବିଶ୍ୱରେ ରେଆର ଆର୍ଥ ଉପାଦାନ ଖଣି କ୍ଷେତ୍ରରେ ଚୀନ୍‌ର ଭାଗ ପ୍ରାୟ ୭୦ ପ୍ରତିଶତ ଏବଂ ବିଶ୍ୱ ଉତ୍ପାଦନରେ ଏହାର ଅଂଶ ୯୦ ପ୍ରତିଶତ ରହିଛି। ଯୋଗାଣ ବନ୍ଦ ହୋଇଥବାରୁ ବର୍ତ୍ତମାନ ସମୟରେ ଭାରତ ସରକାର ଏହାର ଯୋଗାଣ ପାଇଁ ଚୀନ୍ ସହିତ ଆଲୋଚନା କରୁଛନ୍ତି। ଏହାବ୍ୟତୀତ ରେଆର ଆର୍ଥ ମ୍ୟାଗ୍ନେଟ୍ ଯୋଗାଣ ପାଇଁ ଭାରତ ଅନ୍ୟ ୫ଟି ଦେଶ ସହିତ ମଧ ଆଲୋଚନା ଆରମ୍ଭ କରିଛି। ଏଥିରେ ଭିଏତନାମ, ଇଣ୍ଡୋନେସିଆ, ଜାପାନ, ଆମେରିକା ଏବଂ ରୁଷ ଅନ୍ତର୍ଭୁକ୍ତ। ଭାରତ ୮୦୯ ଟନ୍ ରେଆର ଆର୍ଥ ମ୍ୟାଗ୍ନେଟ୍ ଆମଦାନୀ କରିଥାଏ। ଏକ ରିପୋର୍ଟ ଅନୁଯାୟୀ, ଅଟୋ କମ୍ପାନୀଗୁଡ଼ିକ ଜୁନ୍ ଶେଷ ପର୍ଯ୍ୟନ୍ତ ରେଆର ଆର୍ଥ ମ୍ୟାଗ୍ନେଟ୍ ଷ୍ଟକ୍ ରଖିଛନ୍ତି। ଏହାର କାରଣ ହେଉଛି ଏପ୍ରିଲ ମଧ ଭାଗରୁ ଏଗୁଡ଼ିକର କୌଣସି ଯୋଗାଣ ହୋଇନାହିଁ। ସରକାର ଏହି ସମସ୍ୟାର କୂଟନୈତିକ ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି। ବେଜିଂରେ ଥିବା ଭାରତୀୟ ଦୂତାବାସ ଭାରତୀୟ ଶିଳ୍ପ ପ୍ରତିନିଧିମଣ୍ଡଳୀ ଏବଂ ଚୀନ୍ ସରକାରୀ ଅଧିକାରୀଙ୍କ ମଧରେ ଏକ ବୈଠକ କରିବାକୁ ଚେଷ୍ଟା କରୁଛନ୍ତି। କମ୍ପାନୀଗୁଡ଼ିକ ପାଖରେ ଏବେ କେବଳ କିଛି ମାସର ଷ୍ଟକ୍ ବାକି ଅଛି। ଯଦି ଏହି ସମୟ ମଧରେ ଚୀନ୍‌ରୁ ଯୋଗାଣ ପୁନଃସ୍ଥାପିତ ନ ହୁଏ, ତେବେ ଏହା ଉତ୍ପାଦନକୁ ପ୍ରଭାବିତ କରିବ। ଏହା ରେଆର ଆର୍ଥ ମ୍ୟାନଗେଟ୍ ବ୍ୟବହାର ହେଉଥିବା ଜିନିଷଗୁଡିକର ଅଭାବ ସୃଷ୍ଟି କରିପାରେ।

## ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ଗୁଆଲିରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ଯୋଡା,(ଡିକେ ନ୍ୟୁଜ୍):** ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରି ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ମାଟ୍ରିକ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ବିଏସଇ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଭଲ ରେଜଲ୍ଟ କରିଥିବା ଗୁଆଲି ଏବଂ ଲୋଇଡାପଡା ପଞ୍ଚାୟତର କୃତୀ ଛାତ୍ରଛାତ୍ରୀଙ୍କୁ ଏକ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ଏହି ସମାରୋହରେ ଟାଟା ଷ୍ଟିଲର ଜେନେରାଲ ମ୍ୟାନେଜର (ଓଏମକ୍ୟୁ) ଅତୁଲ ଭଟନାଗର, ଯୋଡା ବ୍ଲକ ଅଧକ୍ଷ କବିନ୍ଦ୍ର ନାୟକ, ସାମାଜିକ କର୍ମୀ ବିଦ୍ୟାଧର ନାୟକ, ଖୁସା ଆପଟ, ଡବରା ମୁଣ୍ଡା ଏବଂ ଝୁରିଆ ମୁଣ୍ଡା ପ୍ରମୁଖ ଅତିଥି ଭାବେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ୯ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କ ମଧରୁ ଗୁଆଲିର ଝରଣା ମହାନ୍ତି ୬୮% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସୁମନ ମୁଣ୍ଡା ୭୦%, ସ୍ନେହାରାଣୀ ପାତ୍ର ୬୨% ଏବଂ ସୁନାମ ମୁଣ୍ଡା ୬୫% ମାର୍କ ରଖିଛନ୍ତି। ସେହିପରି ଲୋଇଡାପଡାର ସ୍ୱପ୍ନା ଆପଟ ୭୩% ଏବଂ ଦେବାଶିଷ ବାରିକ ୬୦%, ଟୋପାଡିହିର ଦୋଳଗୋବିନ୍ଦ ନାହାକ ୬୧%, ବରପଦାର ପ୍ରତିମା ନାଏକ ୬୦% ଏବଂ କମାରପୋଷର ରେମା ମୁଣ୍ଡା ୬୮% ମାର୍କ ରଖିଛନ୍ତି। ଏହି ଛାତ୍ରଛାତ୍ରୀମାନଙ୍କ ମଧରୁ ସ୍ନେହାରାଣୀ ପାତ୍ର, ଦୋଳଗୋବିନ୍ଦ ନାହାକ ଏବଂ ରେମା ମୁଣ୍ଡା ଟାଟା ଷ୍ଟିଲ ଫାଉଣ୍ଡେସନର ଜ୍ୟୋତି ଫେଲୋସିପ୍ ପାଉଛନ୍ତି। ଫାଉଣ୍ଡେସନ୍ ପକ୍ଷରୁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପାଇଁ ସହାୟତା ପ୍ରଦାନ ଲକ୍ଷ୍ୟରେ ଫେଲୋସିପ ପ୍ରଦାନ କରାଯାଉଛି। ଟାଟା ଷ୍ଟିଲ ଫାଉଣ୍ଡେସନ୍‌ର ଏହି ସମ୍ବର୍ଦ୍ଧନା ଛାତ୍ରଛାତ୍ରୀଙ୍କ ମଧରେ ଗର୍ବ ଏବଂ ସଫଳତାର ଭାବନା ଜାଗ୍ରତ କରିବା ସହ ସେମାନଙ୍କୁ ବଡ଼ ଲକ୍ଷ୍ୟ ପୂରଣ କରିବାକୁ ପ୍ରେରଣା ଦେବ।

## ଆସନ୍ତା ୨ ମାସରେ ଆରମ୍ଭ ହେବ ଷ୍ଟାରଲିଙ୍କ୍ ସେବା




**ନୂଆଦିଲ୍ଲୀ,(ହି.ସ):** ଏଲନ ମସ୍କଙ୍କ କମ୍ପାନୀ ସ୍ପେଶ ଏକ୍ସ ନିଜର ଷ୍ଟାରଲିଙ୍କ ସାଟେଲାଇଟ ଇଣ୍ଟରନେଟ ସର୍ଭିସ ଭାରତରେ ଶୀଘ୍ର ଆରମ୍ଭ କରିବ। ଭାରତରେ ସେବା ଆରମ୍ଭ କରିବା ନେଇ ଗତ ସପ୍ତାହରେ ଟେଲିକମ ବିଭାଗ ପକ୍ଷରୁ କମ୍ପାନୀକୁ ଲାଇସେନ୍ସ ମିଳିଥିଲା। ଖୁବ୍‌ଶୀଘ୍ର ଟ୍ରାଏଲ କରାଯିବ। ଆଗାମୀ ୨ ମାସରେ କମ୍ପାନୀ ଭାରତରେ ନିଜର ସେବା ଆରମ୍ଭ କରିପାରେ ବୋଲି ମିଡିଆ ରିପୋର୍ଟରେ ପ୍ରକାଶ ପାଇଛି। ଭାରତୀୟ ବଜାର ଲାଗି କମ୍ପାନୀ ନିଜର ମୂଲ୍ୟ ଢାଞ୍ଚା ପ୍ରସ୍ତୁତ କରିସାରିଛି। ଏହି ସେବା ଲାଗି କମ୍ପାନୀର ସାଟେଲାଇଟ ଡିସ୍ ଡିଭାଇସ ମୂଲ୍ୟ ୩୩ ହଜାର ଟଙ୍କା ରହିବ। ଏହା ବାଦ କମ୍ପାନୀ ମାସିକ ଅନଲିମିଟେଡ ଡାଟା ପ୍ଲାନର ମୂଲ୍ୟ ୩ ହଜାର ଟଙ୍କା ରଖିବ। ଗୋଟିଏ ମାସର ଫ୍ରି' ଟ୍ରାଏଲ ମଧ ଦେବାକୁ କମ୍ପାନୀ ଯୋଜନା କରୁଛି।



# ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

## ଦିଲ୍ଲୀର ଦ୍ୱାରକା ସ୍ଥିତ ଆପାର୍ଟମେଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ, ପୁଅ-ଝିଅ ସହିତ ବାପାଙ୍କର ମୃତ୍ୟୁ



**ନୂଆଦିଲ୍ଲୀ,(ହି.ସ):** ଦିଲ୍ଲୀର ଦ୍ୱାରକାରେ ଏକ ଆପାର୍ଟମେଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଆପାର୍ଟମେଣ୍ଟ ଭିତରେ କିଛି ଲୋକ ଫସିଥିବା ଆଶଙ୍କା କରାଯାଉଛି। ଘଟଣା ସ୍ଥଳରେ ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରୁଛି । ୮ ମହଲା ବିଲିଡିଂର ୬ଷ୍ଠ ଏବଂ ୭ମ ମହଲା ନିଆଁ ଲାଗିଥିବା ଜଣାପଡିଛି । ଯେଉଁ ମହଲାରେ ନିଆଁ ଲାଗିଥିଲା, ସେଥିରେ ୨ ଜଣ ପିଲା ସହିତ ବାପାଙ୍କର ମୃତ୍ୟୁ ହୋଇଛି। ବିଲିଡିଂରେ ନିଆଁ ଲାଗିବା ଯୋଗୁଁ ୩ ଜଣ ଡେଇଁ ପଡିଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ପରେ ତାଙ୍କ ବାପା ୟଶ ଯାଦବ (୩୫) ବାଲକୋନୀରୁ ଡେଇଁ ପଡ଼ିଥିଲେ। ତାଙ୍କୁ ମଧ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଛି। ୟଶ ଯାଦବଙ୍କ ପତ୍ନୀ ଏବଂ ବଡ଼ ପୁଅ ନିଆଁରୁ ବର୍ତ୍ତି ଯାଇଛନ୍ତି ଏବଂ ସେମାନେ ଜୀବିତ ଅଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଆତଙ୍କବାଦୀଙ୍କ ବିରୁଦ୍ଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ, ସେମାନେ କେଉଁଠାରେ ବି ଥାଆନ୍ତୁ : ଜୟଶଙ୍କର



**ନୂଆଦିଲ୍ଲୀ,(ହି.ସ):** ବୈଦେଶିକ ମନ୍ତ୍ରୀ ଡ. ଏସ୍. ଜୟଶଙ୍କର ଆତଙ୍କବାଦ ପ୍ରତି ଦୃଷ୍ଟିକୋଣକୁ ସ୍ପଷ୍ଟ କରି କହିଛନ୍ତି ଯେ, ଭାରତ ଆତଙ୍କବାଦୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବ, ସେମାନେ ଯେଉଁଠାରେ ବି ଥାଆନ୍ତୁ । ଏକ ଫ୍ରାନ୍ସିସୀ ସମ୍ବାଦପତ୍ରକୁ ଦିଆଯାଇଥିବା ସାକ୍ଷାତକାରରେ ସେ କହିଛନ୍ତି, "ସେମାନେ ଯେଉଁଠି ଥାଆନ୍ତୁ ଆମର ଚିନ୍ତା ନାହିଁ । ଯଦି ସେମାନେ ପାକିସ୍ତାନ ମଧରେ ଅଛନ୍ତି, ତେବେ ଆମେ ସେଠାକୁ ମଧ ଯିବୁ।" ଫ୍ରାନ୍ସର ସମ୍ବାଦପତ୍ର 'ଲେ ଫିଗାରୋ'କୁ ଦିଆଯାଇ ଥିବା ସାକ୍ଷାତକାରରେ ଜୟଶଙ୍କର କହିଛନ୍ତି ଯେ, ଭାରତର ସେନା ଅଭିଯାନର ପ୍ରଭାବଶୀଳତା, ବିଶେଷକରି ଅପରେସନ୍ ସିନ୍ଦୂରର ସଫଳତା, ପାକିସ୍ତାନୀ ବିମାନବନ୍ଦରଗୁଡ଼ିକର କ୍ଷତି ଦ୍ୱାରା ପ୍ରମାଣିତ ହୁଏ। ଭାରତୀୟ ବିମାନଗୁଡ଼ିକୁ ହୋଇଥିବା କ୍ଷତି ସହିତ ସଂପୃକ୍ତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, ସଫଳତାର ସତ୍ୟ ପ୍ରମାଣ ହେଉଛି ଶତ୍ରୁର କ୍ଷମତାର ବିନାଶ। ସେ ଏହା ମଧ କହିଛନ୍ତି ଯେ, ଆତଙ୍କବାଦକୁ କେବଳ ଭାରତ-ପାକିସ୍ତାନ ମଧରେ ଥିବା ଦ୍ୱିପକ୍ଷୀୟ ସଂଘର୍ଷ ଭାବରେ ନ ଦେଖିବା ଉଚିତ୍, ବରଂ ଏହାକୁ ଏକ ବିଶ୍ୱବ୍ୟାପୀ ସମସ୍ୟା ଭାବରେ ଗ୍ରହଣ କରାଯିବା ଉଚିତ ।ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ପାକିସ୍ତାନ ସହ ଚୀନର ଗଭୀର ସମ୍ପର୍କ ସନ୍ଦର୍ଭରେ କହିଛନ୍ତି ଯେ, ଚୀନ ଆତଙ୍କବାଦ ମୁକାବିଲାରେ ଅସ୍ପଷ୍ଟତ ଓ ଦୋହରା ମାପଦଣ୍ଡ ନେଇ ଚାଲିପାରିବ ନାହିଁ। ଆତଙ୍କବାଦ ଏକ ଏମିତି ସମସ୍ୟା ଯାହା ସମସ୍ତ ଦେଶକୁ ପ୍ରଭାବିତ କରେ। ଚୀନ ଓ ପାକିସ୍ତାନଙ୍କ ଦୀର୍ଘକାଳୀନ ଗଭୀର ସମ୍ପର୍କ ରହିଛି, କିନ୍ତୁ ଆତଙ୍କବାଦ ଭଳି ମାମଲାରେ ସନ୍ଦେହ ଓ ଦୁଇମୁଖୀ ମାନଦଣ୍ଡ ଚାଲିପାରିବ ନାହିଁ।

## ଗତ ୧୧ ବର୍ଷ ଦେଶ ନିମନ୍ତେ ଥିଲା ସୁବର୍ଣ୍ଣ ସମୟ : ଯୋଗୀ ଆଦିତ୍ୟନାଥ



**ଲକ୍ଷ୍ନୌ,(ହି.ସ):** ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କେନ୍ଦ୍ରର ମୋଦୀ ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଉପରେ କହିଛନ୍ତି ଯେ, ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ୧୧ ବର୍ଷ ସୁବର୍ଣ୍ଣ ସମୟ ରୂପେ ଜଣାଯିବ । ଏହି କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତକୁ ବିଶ୍ୱରେ ପରିଚୟ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ମୋଦୀ ସରକାରଙ୍କ ୧୧ ବର୍ଷ ପୂର୍ଣ୍ଣ ହେବା ଅବସରରେ ମଙ୍ଗଳବାର ଲକ୍ଷ୍ନୌ ସ୍ଥିତ ପାର୍ଟିର ପ୍ରଦେଶ କାର୍ଯ୍ୟାଳୟରେ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, ବ୍ରଜେଶ ପାଠକ, ଭାଜପା ପ୍ରଦେଶ ଅଧକ୍ଷ ଭୂପେନ୍ଦ୍ର ଚୌଧୁରୀ ଏବଂ ପ୍ରଦେଶ ମହାମନ୍ତ୍ରୀ ସଂଗଠନ ଧର୍ମପାଳଙ୍କ ସହିତ ସାମ୍ବାଦିକ ସମ୍ମିଳନୀ କରି କେନ୍ଦ୍ର ସରକାରଙ୍କ ଉପଲବ୍ଧି ଗୁଡିକ ବାବଦରେ କହିଛନ୍ତି । ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱ କେବଳରେ ବିଶ୍ୱରେ ପରିଚୟ ଦେଇଛି ତାହା ନୁହେଁ, ବରଂ ସେ ନିଜକୁ ୧୪୦ କୋଟି ଭାରତୀୟଙ୍କ ଏକ ବିଶ୍ୱାସର ପ୍ରତିକ କରିଛନ୍ତି। ସ୍ୱାଧିନତାର ୬୫ ବର୍ଷରେ କଂଗ୍ରେସ ନେତୃତ୍ୱ ଏବଂ ଅନ୍ୟ ଅସ୍ଥିର ସରକାର ପ୍ରତି ସାଧାରଣ ଜନତାଙ୍କର ଯେଉଁ ବିଶ୍ୱାସ ଭାଙ୍ଗିଥିଲା, ଗତ ୧୧ ବର୍ଷରେ ଦୁର୍ନିତିମୁକ୍ତ, ତୁଷ୍ଟିକରଣ ରାଜନୀତିରୁ ମୁକ୍ତ, ଏକ ଭାରତ ଶ୍ରେଷ୍ଠ ଭାରତର ସଂକଳ୍ପକୁ ପୂର୍ଣ୍ଣ କରିବାର ନେତୃତ୍ୱ ପ୍ରଦାନ କରି ଭରସା ବଢାଇଛନ୍ତି।

## ସଂପାଦକୀୟ

# ଚବିଶ ବର୍ଷର ସରକାରର ହିସାବନିକାଶ

ଆମଦେଶ ଏକ ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ସୁପରିଚିତ। ଏଠି ସମ୍ବିଧାନିକ ତତ୍ତ୍ୱ ଅନୁଯାୟୀ ଜନସାଧାରଣ ହେଉଛନ୍ତି ଶାସକ। କ'ଣ ବିଗତ ଦିନରେ ଏହି ସମ୍ବିଧାନର ଗଣତାନ୍ତ୍ରିକ ପଦ୍ଧତିକୁ ଅଣଦେଖା କରାଯାଇଛି କି ଏହା ମୁଖ୍ୟ ପ୍ରସଙ୍ଗ। ଦେଶର ୩୦ଟି ରାଜ୍ୟ ମଧ୍ୟରୁ ଓଡ଼ିଶା ଅନ୍ୟତମ। ନିଜର ଐତିହାସିକ କୀର୍ତ୍ତିରାଜି ଓ ବିରତ୍ୱ ପାଇଁ ସର୍ବଦା ନିଜର ପରିଚୟ ବଜାୟ ରଖିଥିବା ବେଳେ। ଗଣତାନ୍ତ୍ରିକ ପଦ୍ଧତିରେ ଯେଉଁ ପୂର୍ବ ସରକାରକୁ ରାଜ୍ୟ ଜନମତ ଧିକ୍କାର କରିଛି ତାହାର ତର୍ଜମାର ଆବଶ୍ୟକତା ରହିଛି। ଏହାର କାରଣ ଯେଉଁ ସରକାରକୁ ରାଜ୍ୟବାସୀ ୨୪ ବର୍ଷ ହେଲା କ୍ରମାନୁଗତ ଭାବେ ଶାସନ ଭାର ଟେକି ଦେଇଥିଲେ ହଠାତ କାହିଁକି ତାଙ୍କୁ ଗାଦିଚ୍ୟୁତ କଲେ ଏହା ହିଁ ମୁଖ୍ୟ ପ୍ରସଙ୍ଗ। ୨୪ ବର୍ଷର ସରକାରରେ ସମସ୍ତେ ଅନୁଭବ କରିଛନ୍ତି ନବୀନଙ୍କ ବିଚକ୍ଷଣ କୂଟନୀତି ପଦକ୍ଷେପ। ଏହି ୨୪ ବର୍ଷର ସରକାରରେ ତଥା ବିଜେଡି ଶାସନ ଅମଳରେ ସମୟାନୁକ୍ରମେ ଦୁଇ ଦୁଇଟି ପ୍ରଶାସନିକ ଅଧିକାରୀ ନିଜର ଆଧିପତ୍ୟ ଜାହିର କରିବା ସହ ଏକଛତ୍ରବାଦ ଢଙ୍ଗରେ ଶାସନ କଳକୁ ନିଜର କବଜାରେ ରଖି ପାରିବାପଣିଆ ଦେଖାଉ ଥିଲେ। ଯାହାର ଠିକ ଜବାବ ରାଜ୍ୟବାସୀ ଠିକ ସମୟରେ ଦେଇଛନ୍ତି। ଏହାର ଜବାବରେ ରାଜ୍ୟବାସୀ ୨୦୨୪ ସାଧାରଣ ନିର୍ବାଚନରେ ନିଜର ଗଣତାନ୍ତ୍ରିକ ପଦ୍ଧତିର ନିର୍ବାଚନୀ ପ୍ରକ୍ରିୟାକୁ ଅସ୍ତ୍ର କରି ଗାଦିଚ୍ୟୁତ କରିଛନ୍ତି। ହେଲେ ଏବେ ପ୍ରଶ୍ନ ଉଠୁଛି ଯେ ଯଦିଓ ୨୪ ବର୍ଷର ଶାସନ ଗାଡ଼ିରେ ପୂର୍ବ ବିଜେଡି ସରକାର ନିଜର ଶାସନ କରୁଥିଲେ ଉକ୍ତ ସମୟରେ ରାଜ୍ୟ ଓ ରାଜ୍ୟବାସୀ ପାଇଁ କିଭଳି ଶାସନ କରିଛନ୍ତି ତାହା ସମସ୍ତେ ଅନୁଭବି। ତାଙ୍କ ଅମଳରେ ଯେଉଁ ନାରୀ ନିର୍ଯ୍ୟାତନା ହୋଇଛି ତାହା ଏଯାବତ ରାଜ୍ୟବାସୀଙ୍କ ମନରୁ ଲିଭି ନାହି। ରାୟଗଡ଼ ଜିଲ୍ଲାର ଇତିଶ୍ରୀ, ହେଉ କି ପୁରୀ ଜିଲ୍ଲାର ପିପିଲିର ଦଳିତ ଝିଅ ବେବିନା ହେଉ କିମ୍ବା ନୟାଗଡର ପରି ହେଉ କି ବଲାଙ୍ଗିରର ମାମିନା ହେଉ କିଭଳି ଉକ୍ତ ଘଟଣା ଗୁଡ଼ିକ ଚପାଇ ତତ୍କାଳୀନ ବିଜେଡି ସରକାର ଦୋଷୀଙ୍କୁ ସୁରକ୍ଷା ଦେଇଥିଲା ତାହା ପୁରା ରାଜ୍ୟ ଦେଖିଛି। ତାହା ସହ ୪ କୋଟି ଓଡିଆଙ୍କ ମଉଡମଣି ତଥା ଶ୍ରୀକ୍ଷେତ୍ର ଧାମ ପୁରୀ ଜଗନ୍ନାଥ ମନ୍ଦିରର ପରିକ୍ରମା ପ୍ରକଳ୍ପକୁ ନେଇ ଯେଉଁ ସବୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ତାହା ମଧ୍ୟ ତର୍ଜମାର ବିଷୟ। ସର୍ବାଗ୍ରେ ଓଡିଶାର ସ୍ୱାଭିମାନ ଓ ସ୍ୱାର୍ଥ ହେଉଛି ଓଡିଆ ଅସ୍ମିତା, ପୂର୍ବ ସରକାରରେ ଓଡିଆ ଅସ୍ମିତାର ଯେଉଁ ଭଳି ଜଳାଞ୍ଜଳି ଦେଇଥିଲେ ତାହା ମଧ୍ୟ ଏହି ୨୪ ବର୍ଷର ଶାସନ କାଳର ହିସାବନିକାଶର ଅନ୍ତର୍ଭୁକ୍ତ। ପୂର୍ବ ସରକାରରେ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ସରକାରୀ ବାବୁମାନେ କିଭଳି ବ୍ୟବହାର କରୁଥିଲେ ଓ ତାଙ୍କର ଅଧିକାରକୁ କୁଠାରଘାତ କରି ତାଙ୍କର ଆତ୍ମସମ୍ମାନ କ୍ଷୁର୍ଣ୍ଣ କରିଥିଲେ ତାହାବି କାହାକୁ ଅଛପା ନୁହଁ। ଏଭଳିକି ୨୦୨୪ ନିର୍ବାଚନ ପୂର୍ବରୁ ଜନୈକ ରାଜ୍ୟସ୍ତରୀୟ ବିଜେଡି ନେତା ତାଙ୍କ ଦଳରେ କର୍ମୀ ନାହାନ୍ତି କେବଳ ଠିକାଦାରମାନେ ହି ଦଳକୁ ପରିଚଳନା କରୁଛନ୍ତି ବୋଲି ନିର୍ବାଚନୀ ପ୍ରାକ ପ୍ରସ୍ତୁତି ଦଳୀୟ ବୈଠକରେ ସ୍ୱୀକାରୋକ୍ତି କରିଥିଲେ। ଗତ ୨୪ ବର୍ଷର ଶାସନକାଳରେ ନିର୍ବାଚିତ ଜନ ପ୍ରତିନିଧିଙ୍କର ବ୍ୟୁରୋକ୍ରାଟଙ୍କୁ ସମ୍ମୁଖୀନ କରିବାର ସାହସକୁ ମଧ୍ୟ ବନ୍ଧକ ରଖିଥିଲେ। ଯାହା ଫଳରେ ଦଳରେ ଅସନ୍ତୁଷ୍ଟ ସୃଷ୍ଟି ହେବା ସହ ଦଳୀୟ କନ୍ଦଳ ସହ ଫାଟ ସୃଷ୍ଟି ହେବା ଦେଖାଦେଇଥିଲା। ଏହି ଚବିଶ ବର୍ଷ ଶାସନରେ ରାଜ୍ୟରେ ବ୍ୟୁରୋକ୍ରାଟ ଶାସନର ଶିଳାନ୍ୟାସ ହେଲା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଏହିଭଳି ଅନେକ ହିସାବ ନିକାଶ ରହିଛି ଯାହାକି ୨୪ ବର୍ଷରେ ରାଜ୍ୟବାସୀଙ୍କ ମନରେ ବସା ବାନ୍ଧି ରହିଛି। ଆଉ ଏହାର ପରିଣାମ ଠିକ ଭାବେ ରାଜ୍ୟବାସୀ ୨୦୨୪ ନିର୍ବାଚନରେ ଦେଇଛନ୍ତି। ବିଜେଡିକୁ ଗାଦିଚ୍ୟୁତ କରି ବିଜେପି ହାତରେ ଶାସନ ଡୋରୀକୁ ଟେକି ଦେଇଛନ୍ତି। ଯାହାକି ଆମେ କହୁଛୁ ୨୪ ବର୍ଷର ସରକାରଙ୍କ ହିସାବ ନିକାଶ ରାଜ୍ୟବାସୀ କରିଛନ୍ତି।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ଆଉ ଶୁଭୁନି ରଜ ଦୋଳି ଗୀତ


ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ

ରଜ ଆସିଲେ 'ରଜଦୋଳି କଟମଟ, ମୋ ଭାଇ ମୁଣ୍ଡରେ ଦୋଳ ମୁକୁଟ। ଦୋଳ ମୁକୁଟଲୋ, ଦିଶୁଥାଏ ଝଟଝଟ...' ଗୀତରେ ଗାଁ ଗଣ୍ଡା ଦୁଲୁକି ଉଠେ। ବିଭିନ୍ନ ପଲ୍ଲୀ ଗତୀର ଗୁଞ୍ଜାରଣରେ ସୃଷ୍ଟି ହୁଏ ନିଆରା ପରିବେଶ। ହେଲେ ଏସବୁ ଗୀତ ଆଉ ଶୁଣିବାକୁ ମିଳୁନାହିଁ। ନା ସହରରେ ନା ଗାଁ ଗଣ୍ଡାରେ। ଉତ୍କଳୀୟ ପରମ୍ପରା ଓ ୧୨ ମାସରେ ୧୩ ପର୍ବର ନିଆରା ଉଦ୍ଦୀପନା ବିଶେଷ କରି ଗ୍ରାମ୍ୟ ଜୀବନ ସହ କାହିଁ କେତେ କାଳରୁ ଯୋଡ଼ି ହୋଇଯାଇଛି। ଏବେ କିନ୍ତୁ ସେ ସବୁ ଅନେକଙ୍କୁ ପ୍ରଭାବିତ କରିପାରୁନି। ଜଗତୀକରଣ ପ୍ରଭାବରେ ଉଗ୍ର ଆଧୁନିକତା ଆଡ଼କୁ ଅଣନିଶ୍ୱାସୀ ହୋଇ ଧାଉଁଥିବା ମଣିଷଙ୍କ ପାଇଁ ଏଭଳି ପର୍ବପର୍ବାଣୀ ସେମିତି କିଛି ମାନେ ରଖେନା । ଠିକ୍ ସେମିତି ରଜପର୍ବ ଧିରେ ଧିରେ ତାର ଆଦର ହରାଇବାକୁ ବସିଲାଣି। କେଉଁଠି ମାନସିକତା ଅଭାବରୁ ତ କେଉଁଠି ପରିସ୍ଥିତି ଓ ପରିବେଶ ଚାପରେ ରଙ୍ଗହୀନ ହୋଇଯାଇଛି ଏହି ପୁରୁଖା ପର୍ବ।

**କୃଷି ଭିତ୍ତିକ ପର୍ବ :** ସାଧାରଣତଃ ଓଡ଼ିଶାରେ ପ୍ରଚଳିତ ଅନେକ ପର୍ବପର୍ବାଣୀ କୃଷି ଭିତ୍ତିକ। କୃଷି ଅବକାଶ ସମୟରେ ଚାଷୀଙ୍କ ମନରେ ଟିକେ ଆନନ୍ଦ ଭରିଦେବା ଏବଂ ଚାଷ କାମରେ ମାତି ଉଠିବାକୁ ବିଭିନ୍ନ ପର୍ବପର୍ବାଣୀ ଉତ୍କଳୀୟ ଜନଜୀବନ ସହ କାହିଁ କେତେ କାଳରୁ ମିଶିଯାଇଛି। ଅକ୍ଷୟ ତୃତୀୟାର ଅକ୍ଷିମୁଠି ଅନୁକୂଳ ପରେ ଖରିଫ ଚାଷରେ ଚାଷୀ ଲାଗିପଡ଼ନ୍ତି। ଜମି ଚାଷ କରିବା ଓ ବିହନ ବୁଣିବା କାମ ଏହି ସମୟରେ ହିଁ ହୋଇଥାଏ । ମୌସୁମୀ ପ୍ରଭାବରେ ବିହନ ଗଜା ହୁଏ। ଗଛ ବନ ହେବା ପର୍ଯ୍ୟନ୍ତ ଚାଷୀଙ୍କୁ ଟିକେ ଅବସର ମିଳିଥାଏ। ଏହି ସମୟରେ ଆସେ ରଜପର୍ବ, ଯାହା ପିଢ଼ୀ ଧରି ପାଳିତ ହୋଇଆସୁଛି।

**ପିଠା ବଦଳରେ ପିଜା :** ରଜ ନାମ ମୁହଁରେ ଧରିବା ମାତ୍ରେ ନାନା ରକମର ପିଠା କଥା ମନେ ପଡ଼ିଯାଏ। ଆଉ ରଜ ଆସିବା ମାତ୍ରେ ପୋଡ ପିଠ, କାକରା, ଚକୁଳି, ମୁହାଁ, ଭାଜିଆ ଓ ଆରିସା ପିଠାର ମହ ମହ ବାସ୍ନାରେ ଗାଁ ଗଣ୍ଡା ମହକି ଉଠେ । ତା ସାଙ୍ଗକୁ ମୁଢ଼ି, ଉଖୁଡ଼ା, ଆମ୍ବ ଓ ପଣସର ସ୍ୱାଦ ପର୍ବକୁ ଆହୁରି ମିଠା କରିଦିଏ। ତେବେ ପୂର୍ବଭଳି ଏବେ କିନ୍ତୁ ନା ପିଠାର ମହକ ଅଛି, ନା ରହିଛି ମିଠା ସୁଆଦ। ସହର ତ ସହର, ଗାଁ ଗଣ୍ଡାରେ ବି ଏସବୁ ପ୍ରତି ଆଗ୍ରହ କମିବାରେ ଲାଗିଛି। ପିଠା ବଦଳରେ ପିଜା ଆଜି ଲୋକଙ୍କୁ ସୁଆଦିଆ ଲାଗୁଛି। ଫଳରେ ଆମର ଓଡ଼ିଆ ଖାଦ୍ୟ ପଖାଳ ଠାରୁ ପୋଡ଼ପିଠା ପର୍ଯ୍ୟନ୍ତ ସବୁ ମଫସଲିଆ ପାଲଟିଯାଇଛି। ଖାସ୍ ଏହି କାରଣରୁ ରଜ ସମୟରେ ପୂର୍ବଭଳି ନାନା ରକମର ସୁଆଦିଆ ପିଠା ଖାଇବାକୁ କି ଦେଖିବାକୁ ଆଉ ମିଳୁନି। ରଜ ଆସିଲେ ନାନା ରକମର ଦୋଳି ତିଆରି ହୁଏ। ଗାଁ ମୁଣ୍ଡ ଆମ୍ବ ତୋଟାରେ ଲାଗିଥିବା ପଟା ଦୋଳି, ଅରଟ ଦୋଳି, ଚକ୍ରି ଦୋଳିର ମଜା କଥା ଭାବିଲେ ରୁମ ଟାଙ୍କୁରି ଉଠେ। ଗାଉଁଲୀ କାରିଗରମାନେ କାଠ ଓ ବାଉଁଶରେ ଏସବୁ ଦୋଳି ତିଆରି କରିଥାନ୍ତି। ତେବେ ଆଜି ପରିସ୍ଥିତି ଓ ପରିବେଶ ବଦଳି ଯାଇଥିବାରୁ ଗାଁ କାରିଗରଙ୍କ କାରିଗରୀ କାଁ ଭାଁ ଦେଖିବାକୁ ମିଳୁଛି। ଜଙ୍ଗଲ କ୍ଷୟ ଯୋଗୁଁ କାଠ ବାଉଁଶ ମିଳୁ ନଥିବାବେଳେ ଆମ୍ବ ତୋଟାର ଦୋଳି ବଦଳରେ ଘର ବାଲ୍‌କୋନିରେ ଝୁଲୁଥିବା ବେତ ଓ ଲୁହା ଦୋଳିକୁ ଲୋକେ ବେଶି ପସନ୍ଦ କରୁଛନ୍ତି। ଫଳରେ ଆଗଭଳି ରଜ ସମୟରେ ବିଭିନ୍ନ ରକମର ଦୋଳି ଏବେ ଦେଖିବାକୁ ମିଳୁନାହିଁ। ଦିନ ଥିଲା ରାଜ ବେଳେ ଦୋଳି ଖେଳିବାକୁ ଗାଁ ତୋଟାରେ ଝିଅବୋହୂଙ୍କ ଭିଡ଼ ଜମୁଥିଲା। ଦୋଳି ଖେଳ ସମୟରେ ନାନା ରକମର ପଲ୍ଲୀ କଥା ଗୀତ ମାଧ୍ୟମରେ ପ୍ରକାଶ କରାଯାଉଥିଲା। ଏବେ ଏସବୁରେ ବଡ଼ ପରିବର୍ତ୍ତନ ଆସିଛି। ଭିଡ଼ଠାରୁ ଦୂରେଇ ରହି ଅନେକ ରଜ କାଟିବାକୁ ବେଶି ପସନ୍ଦ କରୁଛନ୍ତି। ଫଳରେ ସେ କାଳ ଭଳି ଗୀତର ଗୁଞ୍ଜାରଣ ଆଉ ଶୁଭୁନି କି ଗାଁ ମୁଣ୍ଡ ଆମ୍ବତୋଟାରେ ଦୋଳି ଝୁଲିବା ଦେଖାଯାଉନି।

**ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯, E-mail : niityou001@gmail.com**

## ରଜ ଓ ବସୁମତୀ ସ୍ନାନ

*ପ୍ରତିବର୍ଷ ଆଷାଢ଼ ମାସରେ ପଡୁଥିବା ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି କୁହାଯାଏ । ସଂକ୍ରାନ୍ତିର ପୂର୍ବ ଦିନକୁ ପହିଲି ରଜ ଓ ପର ଦିନକୁ ଭୂମି ଦହନ କୁହାଯାଏ । ଭୂମି ଦହନରେ ଚାଷବାସ ବା ମାଟି ହାଣିବା କାର୍ଯ୍ୟ କରାଯାଏ ନାହିଁ । ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ରଜ ପର୍ବ ପାଳନ ଶେଷ ହୁଏ । ରଜ କୃଷି ସହ ସଂପର୍କିତ ପର୍ବ । ଏହି ମାସରେ ମାଟି ସହ ମେଘର ମିଳନ ହୁଏ । ତା ପରେ ଆସିଥାଏ ଚାଷ ଋତୁ । କାମ ଆରମ୍ଭ ପୂର୍ବରୁ ବିଶ୍ରାମ ନେବା ପାଇଁ ଏବଂ ଦେବା ପାଇଁ ସମ୍ଭବତଃ ଏହି ପର୍ବର ସୃଷ୍ଟି । ଆଷାଢ଼ ମାସରେ ବର୍ଷାପାଣି ପଡ଼ିଲେ ଭୂଇଁ ଉତ୍ପାଦନକ୍ଷମ ହୁଏ । କୁଆଁରୀ କନ୍ୟାମାନଙ୍କ ଠାରୁ ଆରମ୍ଭ କରି ସମସ୍ତ ଝିଅ, ଯୁବତୀ ଓ ମହିଳା ରଜ ତିନି ଦିନ ଗୃହ କାର୍ଯ୍ୟ ନ କରିବା ହେଉଛି ଖାଣ୍ଟି ଓଡ଼ିଆ ପରମ୍ପରା । ରଜ ତିନି ଦିନ ମହିଳାଙ୍କୁ ଖାଲି ପାଦରେ ଭୂଇଁରେ ଚାଲିବାକୁ ବାରଣ କରାଯାଏ । ପ୍ରଚଳିତ ପରମ୍ପରା ଅନୁଯାୟୀ ମହିଳାମାନେ ରଜରେ ଭାତ ଓ ଲୁଣ ଖାଇବା ଅନୁଚିତ । କେବଳ ଫଳମୂଳ ଓ ପିଠାପଣା ଭଳି ଦ୍ରବ୍ୟ ଖାଇବା ଉଚିତ । ଏହାର ବିଜ୍ଞାନ ସମ୍ମତ କାରଣ ରହିଛି । ରଜରେ ନାରୀମାନଙ୍କୁ ସମ୍ମାନ ଦେବା ପାଇଁ ପୁରୁଷମାନେ ସେମାନଙ୍କ କାମ କରନ୍ତି । ନାରୀମାନେ ଖାଇପିଇ ଦୋଳିରେ ଝୁଲିବା, ନୂଆ ଲୁଗା ପିନ୍ଧିବା ଓ ଗେଲଗମାତରେ ମାତିବା ରଜ ପରମ୍ପରା । ବସୁମତୀ ସ୍ନାନ ରଜ ପର୍ବର ଅନ୍ୟତମ ଦିବସ । ଏହା ବସୁମାତାଙ୍କ ଶୁଦ୍ଧ ସ୍ନାନ । ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ନାମରେ ଏହା ଲୋକପ୍ରିୟ । ମାର୍ଗଶୀର ଶେଷ ଗୁରୁବାର ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଲେଖାଯାଏ । ରଜସ୍ୱଳା ନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃକାଳରେ ଧରିତ୍ରୀ ମା'ର ଶୁଦ୍ଧ ସ୍ନାନ ପର୍ବ ପାଳନ କରାଯାଏ । ଏହି ଦିନ ଆନନ୍ଦ ଉଲ୍ଲାସ ପରିବର୍ତ୍ତେ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ବସୁମତୀ ସ୍ନାନରେ ଧରଣୀ ମାତାକୁ ଭକ୍ତି ଭାବର ସହ ପୂଜା କରାଯାଏ । ଶୁଦ୍ଧସ୍ନାନ ପରେ ଧରଣୀ ଶସ୍ୟବୀଜ ଧାରଣ କରିପାରେ ।*

# 'ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି'


କିଶୋର କୁମାର ଜେନା

ଏହି ସମଗ୍ର ସୃଷ୍ଟିର ତତ୍ତ୍ୱାବଧାରକ ଏବଂ ନିର୍ଦ୍ଦେଶକ ହେଉଛନ୍ତି ପରମାତ୍ମା। ସୃଷ୍ଟିର ଜନ୍ମ-ମୃତ୍ୟୁ ଏବଂ ପ୍ରଳୟର ସେ ଏକମାତ୍ର ଦ୍ରଷ୍ଟା। ଯଦିଓ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସେ ହେଉଛନ୍ତି ସ୍ରଷ୍ଟା ସେ କିନ୍ତୁ ନିର୍ଲିପ୍ତ। ସେ କୌଣସିଥିରେ ସମ୍ପୃକ୍ତ ନୁହନ୍ତି। ସେ ହେଉଛନ୍ତ ସ୍ୱସମ୍ବେଦ୍ୟ ଅର୍ଥାତ୍ ସଂବେଦନ ଠାରୁ ବହୁ ଊର୍ଦ୍ଧ୍ୱରେ। ସୃଷ୍ଟିର ଆରମ୍ଭ ପୂର୍ବରୁ ପରମାତ୍ମା ଥିଲେ ଏବଂ ସୃଷ୍ଟିର ବିନାଶ ପରେ ମଧ୍ୟ ସେ ରହିଥିବେ। ପରମାତ୍ମାଙ୍କ ଠାରୁ ସୃଷ୍ଟିର ଆରମ୍ଭ ଏବଂ ତାଙ୍କରି ଠାରେ ଏହାର ବିଲୟ। ପରମାତ୍ମା କିନ୍ତୁ ସେହିପରି ନିଶ୍ଚଳ ଥିବେ।

ସଂକ୍ଷେପରେ କୁହାଯାଇ ପାରେ ଯେ ଏହି ପ୍ରକାଣ୍ଡ ବିଶ୍ୱକୁ ଏକ ମହାଶକ୍ତି ପରିଚାଳିତ କରୁଛି ଏବଂ ସେହି ମହାଶକ୍ତି ହେଉଛନ୍ତି ପରମାତ୍ମା। ଯାହା ସବୁ ଆମର ଦୃଶ୍ୟ ହେଉଛି ତାହାଠାରୁ ତାଙ୍କର ସ୍ଥିତି ହେଉଛି ଭିନ୍ନ। ସୃଷ୍ଟିରେ ଯାହା କିଛି ଅଛି ସେ ସବୁର ସେ ହେଉଛନ୍ତି ଅଭିନ୍ନ ଅଂଗ। ତେବେ ଏ ସବୁକୁ ସୃଷ୍ଟି କରିବା ପରେ ପରମାତ୍ମାଙ୍କ ସ୍ଥିତି ହେଉଛି ସ୍ୱତନ୍ତ୍ର ଏବଂ ସ୍ୱାଧୀନ। ପରମାତ୍ମାଙ୍କର ଏହି ସର୍ବବ୍ୟାପୀ ଗୁଣ ଯୋଗୁ ତାଙ୍କୁ ଅନେକ ଅଜ, ଅମର ଏବଂ ଅନାଦି କହିଥାନ୍ତି। କେବଳ ସେତିକି ନୁହେଁ ତାଙ୍କୁ ମଧ୍ୟ ଅନନ୍ତ, ଅବିଚ୍ଛିନ୍ନ, ଅର୍ନିବାଚନୀୟ ଏବଂ ସଦଚିତ ଆନନ୍ଦ କୁହାଯାଏ। ପରମାତ୍ମାଙ୍କର ସର୍ବବ୍ୟାପୀ ଗୁଣକୁ ବର୍ଣ୍ଣନା କରିବାକୁ ଯାଇ କୁହାଯାଏ ଯେ ସେ ହେଉଛନ୍ତି ସୂକ୍ଷ୍ମାତିସୂକ୍ଷ୍ମ ଏବଂ ବିଶାଳତା ଠାରୁ ମଧ୍ୟ ବିଶାଳ। ତେବେ ପରମାତ୍ମାଙ୍କ ଗୁଣକୁ ବର୍ଣ୍ଣନା କରିବାକୁ ଶବ୍ଦ ଯଥେଷ୍ଟ ନୁହେଁ।

ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଆମ୍ଭମାନଙ୍କୁ ମାର୍ଗ ଦର୍ଶନ କରି କହିଛନ୍ତି 'ବିଶ୍ୱର ସମସ୍ତ ଜଡ଼ ଏବଂ ଜୀବ ପରମାତ୍ମାଙ୍କ ଠାରୁ ସୃଷ୍ଟ। ପଞ୍ଚମହାଭୂତ ଯଥା ମାଟି, ପାଣି, ପବନ, ନିଆଁ ଏବଂ ବ୍ୟୋମର ସେ ହେଉଛନ୍ତି ନିୟନ୍ତ୍ରକ। ସ୍ଥାନ ଏବଂ ସମୟ ଠାରୁ ସେ ସ୍ୱାଧୀନ। ସେ ହେଉଛନ୍ତି ପରମାନନ୍ଦ। ତାଙ୍କୁ କେବଳ ସର୍ବଶକ୍ତିମାନ ଭାବେ ସମ୍ମାନ ପ୍ରଦର୍ଶନ କରାଯାଏ ନାହିଁ, ସେ ହେଉଛନ୍ତି ସବୁ ଶକ୍ତିର ସମନ୍ୱୟ ରକ୍ଷାକାରୀ। ପରମାତ୍ମାଙ୍କର ଜନ୍ମ ବା ମୃତ୍ୟୁ ନାହିଁ। ତାଙ୍କର ବୃଦ୍ଧି ନାହିଁ କିମ୍ବା କ୍ଷୟ ନାହିଁ। ପରମାତ୍ମା ସବୁବେଳେ ସତ ଚିତ ଆନନ୍ଦ ଅବସ୍ଥାରେ ବାସ କରୁଥାନ୍ତି।'

ଈଶ୍ୱର ଏବଂ ସନ୍ଥ ହେଉଛନ୍ତି ଅଭିନ୍ନ। ଭୂଲୋକରେ ସନ୍ଥମାନେ ପରମାତ୍ମାଙ୍କ ପ୍ରତୀକ ଭାବେ କାର୍ଯ୍ୟ କରନ୍ତି। ପରମାତ୍ମା ମଣିଷ ଶରୀର ନେଇ ଜନ୍ମ ହେବା ଦ୍ୱାରା ଏହି ମର ଦୁନିଆରେ ଯାହା ସବୁ ଭୋଗିବାକୁ ପଡ଼େ ତାହା ମାନବ ହୋଇ ଜନ୍ମ ନେଇଥିବା ପରମାତ୍ମାଙ୍କ କ୍ଷେତ୍ରରେ ମଧ୍ୟ ହୋଇଥାଏ। ଏହି ଲୌକିକ ଦୁନିଆରେ କାର୍ଯ୍ୟ କରୁଥିଲେ ମଧ୍ୟ ସେ ଅଲୌକିକ ହୋଇରହନ୍ତି। ଭଗବାନ କହିଛନ୍ତି ଧର୍ମର ପତନ ହେବା ମାତ୍ରେ ସେ ମାନବ ଶରୀର ନେଇ ଧରାରେ ଜନ୍ମ ଗ୍ରହଣ କରି ଦୁଷ୍ଟଙ୍କ ନିବାରଣ କରନ୍ତି ଏବଂ ସନ୍ଥଙ୍କ ରକ୍ଷା କରନ୍ତି। ପରମାର୍ଥ ଲାଭ ମାର୍ଗରେ ବହୁ ପ୍ରତିବନ୍ଧକମାନ ରହିଛି। ସେଗୁଡ଼ିକ ହେଲା ଅହଂକାର, ଅବିଦ୍ୟା, ଲୋଭ, ମୋହ ଏବଂ କାମ। ଭଗବାନ ଶ୍ରୀସତ୍ୟସାଇ ବାବା ଏହିସବୁ ଗୁଣଠାରୁ ଦୂରେଇ ରହିବା ପାଇଁ ଆଶ୍ରିତ ମାନଙ୍କୁ ସବୁବେଳେ ପରାମର୍ଶ ଦେଇଛନ୍ତି। ଆତ୍ମ ସ୍ୱରୂପ ଏବଂ ଆତ୍ମ ବିବେକରେ ରହିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି। ମନ ଉପରେ ଜୟଲାଭ ନିମନ୍ତେ ସେ ତାଙ୍କର ଭକ୍ତମାନଙ୍କୁ ସାହାଯ୍ୟ କରିଥାଆନ୍ତି। ବିବେକ ଏବଂ ବୈରାଗ୍ୟର ମାର୍ଗରେ ଭକ୍ତଙ୍କୁ ନେଇ ଭବସାଗର ପାର କରାଇବାରେ ଶ୍ରୀ ସତ୍ୟସାଇ ସାହାଯ୍ୟ କରନ୍ତି। ଏଥିନିମନ୍ତେ ଭକ୍ତ ସଦଗୁରୁଙ୍କ ପାଦତଳେ ନିଜର ଶରୀର, ଧନ ଏବଂ ଆତ୍ମାକୁ ସମର୍ପଣ କରିବା ଉଚିତ। ସଦଗୁରୁ ଏତିକି ମାତ୍ର ଚାହାଁନ୍ତି। ସଦଗୁରୁଙ୍କ ଜୀବନର ଲକ୍ଷ୍ୟ ହେଉଛି ତାଙ୍କ ନିକଟରେ ଯିଏ ନିଜକୁ ସମର୍ପଣ କରିଦେଇଛି ଏବଂ ତାଙ୍କର ନାମ ଜପ କରୁଛି ତାକୁ ମୋକ୍ଷ ପ୍ରଦାନ କରିବା। ଏହି ଆଲେଖ୍ୟ ପ୍ରସ୍ତୁତି ବେଳେ ମନେପଡୁଛି କାନ୍ତ କବି ଲକ୍ଷ୍ମୀକାନ୍ତଙ୍କ ସେହି କାଳଜୟୀ ଧାଡ଼ିଟି - 'ବିପଦକୁ କରନାହିଁ ଖାତର, ବିପଦରେ ହେବୁ ନାହିଁ କାତର, ଦମ୍ଭ ହୋଇଥିବୁ ରହି, ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି।'

**ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/ ୭୩୭୭୪୩୯୦୭୭**
E-mail : kishorekumarjena.adv@gmail.com

# ପାର୍ବଣର ରଜ : ମହକ ହଜୁଛି


ପୁଷ୍ପମିତ୍ର ମହାପାତ୍ର

ଓଡ଼ିଶାରେ ଘରେ ଘରେ ପାଳନ କରାଯାଉଥିବା ରଜପର୍ବର ପାରମ୍ପରିକ ଚରିତ୍ରରେ ଏବେ ଘଟିଛି ଅନେକ ପରିବର୍ତ୍ତନ । ସହରରେ ରଜର ମଉଜ ନାହିଁ । ଗାଁ ଗହଳିରେ ଆଉ ସେଭଳି ମନମତାଣିଆ ପର୍ବର ଆକର୍ଷଣ ଦେଖିବାକୁ ମିଳୁନାହିଁ । ଜାତୀୟ ପର୍ବ ଭାବେ ପରିଚିତ ରଜପର୍ବ କୁମାରୀ କନ୍ୟାମାନଙ୍କୁ ପୂର୍ବରୁ ଯେଉଁଭଳି ପ୍ରଭାବିତ କରୁଥିଲା ସେଥିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ତେବେ ବି ପରମ୍ପରାର ଛିଟା ସଂପୂର୍ଣ୍ଣ ଭାବେ ଲିଭିନାହିଁ । ରଜପର୍ବରେ ନୂଆ ପୋଷାକ ପିନ୍ଧିବା, ପିଠାପଣା ଓ ଭଲ ମନ୍ଦ ଖାଦ୍ୟ ପ୍ରସ୍ତୁତ କରିବା ବ୍ୟବସ୍ଥା ଏବେ ବି ପ୍ରଚଳିତ ଅଛି ଅନେକ ସ୍ଥାନରେ । ମଫସଲ ଅଞ୍ଚଳରେ ରଜର ମହକ ଏବେ ବି ଉତ୍‌ଫୁଲ୍ଲିତ କରୁଛି ଲୋକମାନଙ୍କୁ । କୁମାରୀ କନ୍ୟାମାନେ ତିନିଦିନ ଧରି ସ୍ନାନ କରନ୍ତି ନାହିଁ । ଖାଲି ପାଦରେ ଭୂମି ଉପରେ ଚାଲିବା ମଧ୍ୟ ଦେଖାଯାଏ ନାହିଁ । ଏକରକମ ଘର ଭିତରେ ବସି ରହନ୍ତି ସେତେବେଳେ କଦଳୀ ପାଟୁଆ ବା ଗୁଆଖୋଳ ପିନ୍ଧି ପଦାକୁ ଆସନ୍ତି । ଏବେ ଚପଲ ବ୍ୟବହାର କରାଗଲାଣି । ବସୁମତୀ ପୂଜା ପାଳନ ପାଇଁ ମାଟି ଖୋଳିବା ବା ମାଟିକୁ ଆଘାତ ଦେବା ଠାରୁ ଦୂରରେ ରହନ୍ତି ଲୋକମାନେ । ଦଳ ଦଳ ହୋଇ ମହିଳାମାନେ ସାହି ପଡ଼ୋଶୀ ଘରକୁ ଯାଇ ହସଖୁସିରେ ସମୟ ବିତାଇଥାଆନ୍ତି । ସନ୍ଧ୍ୟା ପୂର୍ବରୁ ସମାପ୍ତ କରିଥାଆନ୍ତି ଭୋଜନ ପର୍ବ । ରଜ ପୂର୍ବଦିନ ଠାରୁ ସବୁକାର୍ଯ୍ୟ ଶେଷ କରି ଥାଆନ୍ତି ସେମାନେ । କଂସାବାସନ ମଜା ମଜି ଠାରୁ ଆରମ୍ଭ କରି ରଜ ତିନିଦିନ ପାଇଁ ମସଲା ବାଟିବା ଏବଂ ପିଠା ପଣା ପାଇଁ ବିରିବଟା ଓ ଚୂନା କୁଟା କାର୍ଯ୍ୟ ଶେଷ କରାଯାଇଥାଏ । ଗାଁ ଗହଳିରେ ଏବେବି ଏହି ପରମ୍ପରାର ଚିତ୍ର କାଁ ଭାଁ ଲକ୍ଷ୍ୟ କରାଯାଏ । ଢ଼ିଙ୍କିରେ ଚାଉଳ ଚୂନା କରିବାଠାରୁ ଆରମ୍ଭ କରି ଦୋଳିରେ ବସି ମଉଜରେ ସାରାଦିନ ଝୁଲିବା ଦେଖାଯାଇଥାଏ । ଆଷାଢ଼ ମାସରେ ମେଘ ସହ ମାଟିର ମିଳନ ହୋଇଥାଏ । ମାଟିକୁ ବିଶ୍ରାମ ଦେବାପାଇଁ ତିନିଦିନ ପର୍ଯ୍ୟନ୍ତ ମାଟିକୁ କଷ୍ଟ ନଦେବାନେଇ ରଜପର୍ବ ପାଳନ କରାଯାଇଥାଏ ବୋଲି କହନ୍ତି ବୟସ୍କ ଲୋକମାନେ । ଏବେ ଏ ସବୁ କେହି କେହି ପାଳୁଥିବାବେଳେ ଅନେକ ଏହାକୁ ଅନ୍ଧ ବିଶ୍ୱାସ କହି ଦୂରେଇ ଦେବାରେ ଲାଗିଛନ୍ତି ।

ପହିଲି ରଜପର୍ବ ଦୁଇଦିନ ଆଗରୁ ସବୁ ପ୍ରସ୍ତୁତି ପାଇଁ ଆୟୋଜନ କରିଥାଆନ୍ତି ଘରରବୟସ୍କା ମହିଳାମାନେ । କେବଳ କୁମାରୀ କନ୍ୟା ନୁହନ୍ତି ଠାକୁରମାନଙ୍କୁ ମଧ୍ୟ ସ୍ନାନ କରାଯାଏ ନାହିଁ । କଟାବଟା କାର୍ଯ୍ୟ ମହିଳାମାନଙ୍କ ଦ୍ୱାରା କରାଯାଉନଥିବା ବେଳେ ଏହି କାର୍ଯ୍ୟ ପୁରୁଷମାନେ କରିଥାଆନ୍ତି । ରଜଦୋଳିର ଏକ ଆକର୍ଷଣ ରହିଛି । ଦୋଳିଟିଏ ଲାଗିଥିବା ସ୍ଥାନରେ ଝିଅମାନେ ନୂଆ ପୋଷାକ ପିନ୍ଧି ଦୋଳିଖେଳୁଥିବା ଦେଖାଯାଏ । ରଜ ତିନିଦିନ ପୃଥିବୀ ରଜସ୍ୱଳା ହେଉଥିବା ଲୋକମତ ରହିଛି । ଏହି କାରଣରୁ ଭୂମି ସ୍ପର୍ଶ ବା କର୍ଷଣକୁ ବାରଣ କରାଯାଇଛି ।

ବ୍ୟସ୍ତ ଜୀବନ ଭିତରେ ରଜର ମହକ ଧୀରେ ଧୀରେ ମଳିନ ପଡ଼ିଯାଇଥିବା ଏବେ ଲକ୍ଷ୍ୟ କରାଗଲାଣି । ପ୍ରସ୍ତୁତି ପାଇଁ ସମୟ ମଧ୍ୟ ନାହିଁ । ଅତ୍ୟାଧୁନିକ ବ୍ୟବସ୍ଥାରେ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ଯୋଗୁଁ କଟାକଟି ଓ ବଟାବଟି ଆଦି ନିଷିଦ୍ଧ ଥିଲେ ମଧ୍ୟ ତାହା ସହଜରେ ହୋଇପାରୁଛି ଭୂମିକୁ ସ୍ପର୍ଶ ନକରି । ପର୍ବପର୍ବାଣିର ମଜ୍ଜାନେବା ପାଇଁ ଆଉ ଆଗଭଳି ଆଗ୍ରହ ନାହିଁ । ଯେତେବେଳେ ଚାହିଁଲେ ମହିଳାମାନେ ସ୍ୱାଧୀନଭାବେ ସେମାନଙ୍କ କାର୍ଯ୍ୟ ସଂପାଦନ କରୁଛନ୍ତି । ସାହି, ପଡ଼ୋଶୀ, ବନ୍ଧୁମାନଙ୍କ ଘରକୁ ଯିବାପାଇଁ ଆଉ ସମୟ ଉପରେ ନିର୍ଭର କରିବାକୁ ହେଉନାହିଁ । ଯେଉଁଥିପାଇଁ ରଜପର୍ବର ଗୁରୁତ୍ୱ ଥିଲା ତାହା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । ଦୋଳିଖେଳିବା ପାଇଁ ଇଛାହେଲେ ବଜାରରେ ମିଳୁଥିବା ପ୍ଲାଷ୍ଟିକ ସୂତାରେ ବୁଣା ଦୋଳି ଏବେ ରଜ ଦୋଳିର କାମ ଦେଉଛି । ବାଉଁଶ ବା ଦଉଡିର ଆବଶ୍ୟକତା ପଡୁନାହିଁ । ପର୍ବପର୍ବାଣିର ପାରମ୍ପରିକ ଚିତ୍ର ବଦଳୁଛି ଆଧୁନିକ ସମାଜର ଚାଲିଚଳଣକୁ ନେଇ । ଆଉ ସେତେବେଳର ପିଠାପଣା ବ୍ୟବସ୍ଥା ସହରୀ ଜୀବନରେ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଚିରାଚରିତ ଭାବେ ପ୍ରଚଳିତ ପ୍ରଥାକୁ ନେଇ କିଛି ଲୋକ ଏହାକୁ ଜାକଜମକର ସହ ପାଳନ କରୁଥିବାବେଳେ ଅଧିକାଂଶ ସ୍ଥାନରେ ବିଶେଷ କରି ସହରାଞ୍ଚଳ ମିଳନ ପଡ଼ିଆସିଛି ଏହାର ସତ୍ତା ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯,**
**E-mail : niityou001@gmail.com**

# ବ୍ୟାଙ୍କ ଠକେଇ ଚିନ୍ତାଜନକ


ସୌଭାଗ୍ୟ ରଂଜନ ମହାନ୍ତି

ଦେଶରେ ଏବେ ଯେପରି ବର୍ଷକୁ ବର୍ଷ ବ୍ୟାଙ୍କ ଠକେଇ ବୃଦ୍ଧି ପାଇଛି, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ତାର ୨୦୨୪-୨୫ ବାର୍ଷିକ ରିପୋର୍ଟରେ ଗଭୀର ଚିନ୍ତାପ୍ରକଟ କରିଛି। ଦେଶରେ ୨୦୨୩-୨୪ରେ ୧୨,୨୩୦କୋଟି ଟଙ୍କାର ବ୍ୟାଙ୍କ ଠକେଇ ହୋଇଥିବାବେଳେ ୨୦୨୪-୨୫ରେ ତାହା ୩୬,୦୧୪କୋଟିକୁ ବୃଦ୍ଧି ପାଇଥିବା ରିପୋର୍ଟ କୁହାଯାଇଛି। ଯାହାକି ଗୋଟିଏ ବର୍ଷରେ ୩ଗୁଣ ଠକେଇ। ଏଥିରୁ ଦେଶରେ ଦ୍ରୃତ ଗତିରେ କିପରି ବ୍ୟାଙ୍କ ଠକେଇ, ଜାଲିଆତି ବଢିବାରେ ଲାଗିଛି, ତାହା ସ୍ପଷ୍ଟ ଅନୁଭବ କରାଯାଇପାରେ। ବ୍ୟାଙ୍କ ଠକେଇ ଘଟଣାରେ ୨୦୨୩ରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ବଳରେ ୧୨୨ଟି ପୁରୁଣା ଠକେଇ ମାମଲା, ଚଳିତ ଆର୍ଥିକ ବର୍ଷରେ ପଂଜୀକରଣ କରାଯାଇଛି। ଯାହାକି ଏହି ବୃଦ୍ଧି ପାଇଥିବା ଠକେଇର ଅଂଶବିଶେଷ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୨୦୨୪-୨୫ ଆର୍ଥିକ ବର୍ଷରେ ହୋଇଥିବା ୩୬,୦୧୪କୋଟି ଟଙ୍କାରେ ଠକେଇ କେହି ନେଇନାହାଁନ୍ତି, ଯାହା ବ୍ୟାଙ୍କରୁ ଗାଏବ ହୋଇଯାଇଛି। ଅଧିକନ୍ତୁ ଠକେଇରେ ଟଙ୍କାର ପରିମାଣ ବୃଦ୍ଧି ପାଇଥିବାବେଳେ ମାମଲା ସଂଖ୍ୟା ୩୬,୦୬୦ରୁ ୨୩,୯୫୩ କୁ ହ୍ରାସ ପାଇଛି। ଏହାର ଅର୍ଥ ହେଉଛି, ଠକେଇଗୁଡିକର ଆକାର ବା ପରିମାଣ ଅଧିକରୁ ଅଧିକ ହୋଇଛି। ସେହିପରି ଘରୋଇ ବ୍ୟାଙ୍କଗୁଡିକ ତୁଳନାରେ ରାଷ୍ଟ୍ରାୟତ ବ୍ୟାଙ୍କଗୁଡିକରେ ଅଳ୍ପ ସଂଖ୍ୟକ ଠକେଇ ନେଇ ମାମଲା ପଂଜୀକରଣ କରିଥିବାବେଳେ ଦେଶରେ ମୋଟ ବ୍ୟାଙ୍କ ଜାଲିଆତିର ୭୧.୩ ପ୍ରତିଶତ ରାଷ୍ଟ୍ରାୟତ ବ୍ୟାଙ୍କଗୁଡିକରେ ହୋଇଥିବା ବାର୍ଷିକ ରିପୋର୍ଟରୁ ଜଣାଯାଇଛି। ଏହି ଠକେଇ ମଧ୍ୟରେ ବିପୁଳ ପରିମାଣର ଋଣ ସମ୍ପର୍କିତ ଜାଲିଆତି ରହିଛି। ବାସ୍ତବରେ ଋଣ ସମ୍ପର୍କିତ ଠକେଇ କେବଳ ନିୟମର ଉଲଂଘନ ଯୋଗୁଁ ହୋଇଥିବାବେଳେ ଦେଶର ସମସ୍ତ ବ୍ୟାଙ୍କରେ ହୋଇଥିବା ଆର୍ଥିକ କ୍ଷତି ୯୨ ପ୍ରତିଶତ ବୋଲି ରିପୋର୍ଟ କହେ। ଏହା ମଧ୍ୟରେ ଜାଣିଶୁଣି କିସ୍ତି ପଇଠ ନକରିବା, ପାଣ୍ଠି ଅନ୍ୟତ୍ର ସ୍ଥାନାନ୍ତର, ଏବଂ ଜାଲ ଋଣ ଆଦି ଅନ୍ତର୍ଭୁକ୍ତ ରହିଛି। ଅବଶ୍ୟ ଏ କ୍ଷେତ୍ରରେ ତ୍ରୁଟି, ଦୁର୍ବଳତା ସୁଧାରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ସକ୍ରୀୟ ଉଦ୍ୟମ ଦେଶରେ ବ୍ୟାପକ ଭାବେ ବ୍ୟାଙ୍କ ଠକେଇ ଅବ୍ୟାହତ ରହିଛି, ଯାହାକି କେନ୍ଦ୍ରୀୟ ବ୍ୟାଙ୍କ ପାଇଁ ଏବେ ମୁଣ୍ଡବ୍ୟାଥାର କାରଣ ଭାବେ ଉଭା ହୋଇଛି। ଉଦାହରଣ ସ୍ୱରୂପ, ଗଲା ଫେବୃୟାରୀ ମାସରେ ନୂଆଦିଲ୍ଲୀ କୋ-ଅପରେଟିଭ୍ (ସମବାୟ) ବ୍ୟାଙ୍କର ଜଣେ ମ୍ୟାନେଜର ବିପୁଳ ପରିମାଣର ଅର୍ଥ ଅନ୍ୟତ୍ର ନେଇଥିବାବେଳେ ଟଙ୍କା ଭର୍ତି ବ୍ୟାଗ ନେଇ ବ୍ୟାଙ୍କରୁ ଚାଲିଯାଇଥିଲେ। ଏଥିପାଇଁ କେବଳ ବ୍ୟାଙ୍କିଂ ଆଇନରେ ଥିବା ଗଳାବାଟ ଦାୟୀ ନୁହେଁ, ଜମାକାରୀ ଏବଂ ନିବେଶକମାନଙ୍କୁ ସୁରକ୍ଷା କ୍ଷେତ୍ରରେ ବ୍ୟାଙ୍କର ମ୍ୟାନେଜର, ବ୍ୟାଙ୍କ ବୋର୍ଡଗୁଡିକ ଏବଂ ଦୁର୍ନୀତି ମନୋଭାବ ଦାୟୀ ବୋଲି କୁହାଯାଇପାରିବ। ଅନ୍ୟପକ୍ଷରେ ଘରୋଇ ବ୍ୟାଙ୍କଗୁଡିକ ସର୍ବାଧିକ ସଂଖ୍ୟାକ ମାମଲା ରୁଜୁ କରିଛନ୍ତି। ଯାହାକି ଦେଶରେ ଦେଶରେ ମୋଟ ବ୍ୟାଙ୍କିଂ ମାମଲାର ୫୯.୪ ପ୍ରତିଶତ। ଘରୋଇ ବ୍ୟାଙ୍କରେ ଏହି ଠକେଇ ନା ଜାଲିଆତି ମୁଖ୍ୟତଃ ଡିଜିଟାଲ ନେଣଦେଣ ଭାୟା କ୍ରେଡିଟ୍, ଡେବିଟ କାର୍ଡ ଓ ଇଂଟରନେଟ ଜରିଆରେ ହୋଇଥିବା ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଏବେ ଡିଜିଟାଲ କାରବାର ବୃଦ୍ଧି ପାଇବାରେ ଲାଗିଛି। ବ୍ୟାଙ୍କଗୁଡିକ ମଧ୍ୟ ଅଧିକରୁ ଅଧିକ ଲୋକଙ୍କୁ ଏଥିରେ ସାମିଲ କରିବାରେ ସମର୍ଥ ହୋଇଥିବାବେଳେ ଜାଲିଆତି, ଠକେଇ ବୃଦ୍ଧି ପାଇବା ଆରବିଆଇ ଆଶଙ୍କା ପ୍ରକାଶ କରିଛି। ତେବେ ଦେଶରେ ବ୍ୟାଙ୍କ ଠକେଇ ନିୟନ୍ତ୍ରଣ କରିବା ଏବଂ ଠକଙ୍କୁ ଠାବ କରିବା ପାଇଁ ଆରବିଆଇ କୃତ୍ରିମ ବୃଦ୍ଧିମତା(ଏଆଇ)ର ଉପଯୋଗ ପରୀକ୍ଷାମୂଳକ ଭାବେ କରିଛି। ଏହା ବ୍ୟତୀତ ଆରବିଆଇ ମଧ୍ୟ ପରୀକ୍ଷାମୂଳକ ଭାବେ କରିଛି। ଏହା ବ୍ୟତୀତ ଆରବିଆଇ ମଧ୍ୟ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରିଛି। ତେବେ ଦେଶରେ ବ୍ୟାଙ୍କ ଠକେଇ ରୋକିବାକୁ ଆରବିଆଇ କେତେଦୂର ସଫଳ ହେବ, ତାହା ଭବିଷ୍ୟତ କହିବ। କିନ୍ତୁ ଏହା ନିସନ୍ଦେହ ଯେ, ପରିଚାଳନାଗତ ତଥା ଆଇନରେ ତ୍ରୁଟି, ଦୁର୍ବଳତା ଯୋଗୁଁ ଜାଲିଆତି, ଠକେଇ ଦ୍ୱାରା ଦେଶର ଅର୍ଥ କ୍ଷତି ଘଟିବା ସହ ବ୍ୟାଙ୍କ ଉପରୁ ଲୋକଙ୍କ ଆସ୍ଥା, ବିଶ୍ୱାସ ତୁଟି ଯିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଉଲ୍ଲେଖଯୋଗ୍ୟ ଯେ, କିଛି ବର୍ଷ ପୂର୍ବରୁ ବିଜୟ ମାଲ୍ୟ, ନୀରଦ ମୋଦୀ, ଚୋକସୀଙ୍କ ପରି ଶିଳ୍ପପତି, ବ୍ୟବସାୟୀ ବିଭିନ୍ନ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଠକେଇ କରି ଦେଶଛାଡି ପଳାଇଛନ୍ତି। ସେମାନଙ୍କୁ ଠାରୁ ଅର୍ଥ ଆଦାୟ ଲାଗି ସରକାର ଏବେ ବି ଅସମର୍ଥ। ଠକେଇ ଓ ଜାଲିଆତି ପ୍ରତି ବ୍ୟାଙ୍କଗୁଡିକ ସଚେତନ ସଜାଗ ହେବା ସମୟ ଏବେ ଆସିଛି।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,- ୭୫୧୦୦୨, ମୋବାଇଲ ନଂ- ୭୯୭୮୬୬୬୪୦୩**

# ସମ୍ବଲପୁରରେ ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର




**ସମ୍ବଲପୁର,(ଡିକେ ନ୍ୟୁଜ୍):** ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ ସମ୍ବଲପୁର ଜିଲ୍ଲା କଲେକ୍ଟରେଟ ସ୍ଥିତ ଏସ୍ଏସ୍ କନଫରେସିଂ ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ, ଭାରତ ସରକାର ଧର୍ମେନ୍ଦ୍ର ପ୍ରଧାନଙ୍କ ଲୋକପ୍ରତିନିଧି ନାଉରି ନାୟକ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ-ଓଡ଼ିଶା ସରକାର ରବିନାରାୟଣ ନାୟକଙ୍କ ଲୋକପ୍ରତିନିଧି ଦୁଷ୍ମନ୍ତ ରାୟ, ମାନ୍ୟବର ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଲୋକପ୍ରତିନିଧି ସମୀର ବାବୁ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ବେଦଭୂଷଣଙ୍କ ସମେତ ସମସ୍ତ ବିଭାଗୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ସମ୍ବଲପୁର ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶମୂଳକ ଯୋଜନା ଓ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ, ପାନୀୟଜଳ, ଶିକ୍ଷା, ମହିଳା ଓ ଶିଶୁ ସୁରକ୍ଷା, ଏମ୍ଏସ୍ଏମ୍ଇ, ଶକ୍ତି, ବନ୍ୟଜନ୍ତୁ ଓ ପରିବେଶ, ଗ୍ରାମିଣ ବିକାଶ, ଉଦ୍ୟୋଗ ଓ ମାଇନିଂ, ବୈଜ୍ଞାନିକ ଉନ୍ନତି ଓ ଅନ୍ୟାନ୍ୟ ବିଭାଗର ପ୍ରାୟ ୩୦ରୁ ଅଧିକ ଯୋଜନା ବିଷୟରେ ଅଧିକାରୀମାନେ ଅବଗତ କରାଇଥିଲେ। ଯୋଜନା ଗୁଡ଼ିକର ହେଉଛି ସ୍ୱାସ୍ଥ୍ୟ ବିଭାଗ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଏବି-ପିଏମଯେ ପାନୀୟଜଳ ବିଭାଗ ଯୋଜନା: ପାଇପ ଜଳ ପ୍ରଦାନ ଯୋଜନା, ସାନିଟେସନ, ସେତୁ ବନ୍ଧ ଯୋଜନା, ପଞ୍ଚସାଖୀ ସିଖ୍ୟା ସେତୁ, ଶିକ୍ଷା ବିଭାଗ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମ ଶ୍ରୀ ଯୋଜାନା, ମହିଳା ଓ ଶିଶୁ ବିକାଶ: ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ଟ୍ରାଇବାଲ୍ ହଷ୍ଟେଲ୍, ସମାଜିକ ସୁରକ୍ଷା: ମଧୁବାବୁ ପେନସନ୍, ପିଡିଏସ୍ ସିଷ୍ଟମ୍, ଉଦ୍ୟମୀ ଯୋଜନା: ସ୍ୱୟମ, ଅମୃତ, ଉଦ୍ୟୋଗ ଓ ଶିଳ୍ପ ପାର୍କ, ଆସ୍ପିରେସନାଲ୍ ବ୍ଲକ୍ ଯୋଜନା, ରେଭେନ୍ୟୁ, ବନ, ବିଜ୍ଞାନ ଓ ପ୍ରଯୁକ୍ତି ଇତ୍ୟାଦି ଉପରେ ସମୀକ୍ଷା କରାଯାଇଥିଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମସ୍ତ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଯଥାଶୀଘ୍ର ନିଷ୍ପତ୍ତି ନେଇ କାର୍ଯ୍ୟକୁ ସମ୍ପନ କରାଯିବା ଆବଶ୍ୟକ ବୋଲି କହିଛନ୍ତି। ଯେଉଁଠି ଜମି ଓ ବନ ଭୂମି ସମ୍ପର୍କିତ କାର୍ଯ୍ୟ ଚାଲିଛି, ସେଠାରେ କ୍ଷେତ୍ର ପରିଦର୍ଶନ କରିବେ ବୋଲି କହିଲେ ମନ୍ତ୍ରୀ ଶ୍ରୀ ପାତ୍ର।

## ଅଣ ଗେଜେଟେଡ୍ ବନସେବା ସଂଘ ପକ୍ଷରୁ ଦାବିପତ୍ର




**ସମ୍ବଲପୁର,(ଡିକେ ନ୍ୟୁଜ୍):** ଓଡିଶା ଅଣ ଗେଜେଟେଡ ବନସେବା ସଂଘ ସମ୍ବଲପୁର ଜୋନ୍ ପକ୍ଷରୁ ୩ ଦଫା ଦାବି ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କଚେରୀ ଛକ ସ୍ଥିତ ସହିଦ ସ୍ତମ୍ଭରେ ମାଲ୍ୟାର୍ପଣ ପରେ ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଗତ ୨୪ ମେ, ୨୦୨୫ରେ ଢେଙ୍କାନାଳ ଡିଭିଜନ ହିନ୍ଦୋଳ ରେଞ୍ଜ ବନ କର୍ମଚାରୀ ପ୍ରହ୍ଲାଦ ପ୍ରଧାନଙ୍କୁ ଶିକାରୀମାନେ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହି ଘଟଣାକୁ ସଂଘ ପକ୍ଷରୁ ନିନ୍ଦା କରିବା ସହ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ମୃତକ ପରିବାରଙ୍କୁ ୧ କୋଟି ସହାୟତା ପ୍ରଦାନ ସହ ତାଙ୍କ ନାବାଳିକା ଝିଅର ପାଠପଢା ସହ ପରିବାରର ଜଣକୁ ସରକାରୀ ଚାକିରି ସୁବିଧା ଆଦି ଦାବି କରାଯାଇଛି। ସେହିପରି ବନ ବିଭାଗର ବିଭିନ୍ନ ଅବ୍ୟବସ୍ଥା ପ୍ରତିକାର ପାଇଁ ଏକ ଫରେଷ୍ଟ କମିଶନ ଗଠନ, ଆବଶ୍ୟକ ଅନୁସାରେ କ୍ୟାଡର ପରିମାର୍ଜନ, ତାଲିମ, ନିଯୁକ୍ତି ପ୍ରକ୍ରିୟାର ଉନ୍ନତି, କ୍ଷେତ୍ର କର୍ମଚାରୀଙ୍କ କଲ୍ୟାଣ ଓ ଦକ୍ଷତା ବୃଦ୍ଧି, ପୋଲିସ ବିଭାଗ ଭଳି ଦରମା ପ୍ୟାକେଜ ପ୍ରଦାନ ଆଦି ଦାବି ରହିଛି। ଏସବୁ ଦାବି ଗୁଡିକ ଯଦି ପୂରଣ କରାନଗଲେ ଆସନ୍ତା ୧୫ ରୁ ୨୧ ତାରିଖ ପର୍ଯ୍ୟନ୍ତ ସଂଘ ପକ୍ଷରୁ ସମସ୍ତ କର୍ମଚାରୀମାନେ କଳା ବ୍ୟାଚ୍ ପିନ୍ଧି ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ୨୨ ତାରିଖରୁ ଦାବି ପୂରଣ ନହେବା ପର୍ଯ୍ୟନ୍ତ ସାମୂହିକ ଛୁଟିରେ ରହିବା ସହ ସମ୍ବଲପୁର ଫରେଷ୍ଟ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ ବୋଲି ସଂଘର ସମ୍ବଲପୁର ଜୋନ ସଭାପତି ଯଶୋବନ୍ତ ରନବିଡା ଓ ଜୋନ ସମ୍ପାଦକ ବିଶ୍ୱଜିତ ରାଉତ ସୂଚନା ଦେଇଛନ୍ତି।

## ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ପକ୍ଷରୁ ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍



**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦୀପ ରିଫାଇନାରୀ ପକ୍ଷରୁ ମଙ୍ଗଳବାର ଦିନ ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍ ଆୟୋଜିତ ହୋଇଯାଇଛି । ରିଫାଇନାରୀ ଏହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରାଯାଇଥିଲା। ପାରାଦୀପ ରିଫାଇନାରୀ ଅନୁମୋଦିତ ଇମରଜେନ୍ସି ରେସପନ୍ସ ଆଣ୍ଡ ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ଲାନ୍ ଦ୍ୱାରା ଏହି ଡ୍ରିଲ୍ କାର୍ଯ୍ୟ କରାଯାଇଥିଲା । ପାରାଦୀପ ରିଫାଇନାରୀର ଏକ ପମ୍ପ ଡିସଚାର୍ଜ ଲାଇନ୍‌ରୁ ପ୍ରୋପିଲିନ୍ ଲିକେଜ୍ ହୋଇ ବାଷ୍ପ ମେଘ ସୃଷ୍ଟି ହେଲେ ଏବଂ ଏହାର ପ୍ରଭାବରେ ବିସ୍ଫୋରଣ ହେଲେ ଏହାକୁ କିପରି ସଫଳତାର ସହିତ ମୁକାବିଲା କରାଯିବ ସେ ସମ୍ପର୍କରେ ମକ୍‌ଡ୍ରିଲ୍ କରାଯାଇଥିଲା । ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ନିୟମାନୁଯାୟୀ ସଫଳତାର ସହିତ ମକ୍‌ଡ୍ରିଲ୍ ସମ୍ପାଦିତ ହୋଇଥିବାରୁ କର୍ତ୍ତୃପକ୍ଷ ସମସ୍ତଙ୍କୁ ପ୍ରଶଂସା କରିଥିଲେ। ଏହା ପରେ ପାରାଦୀପ ରିଫାଇନାରୀ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ମୁଖ୍ୟ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରିଫାଇନାରୀର ସମସ୍ତ ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ସାମିଲ ହୋଇଥିଲେ।

## ଡେରିକି ସମିତିରେ ମୁଗ ଓ ବିରି ମଣ୍ଡି ଉଦ୍‌ଘାଟିତ



**ନାଉଗାଁ,(ଡିକେ ନ୍ୟୁଜ୍):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ପ୍ରାଥମିକ ସେବା ସମବାୟ ସମିତିରେ ମୁଗ ଓ ବିରି ପାଇଁ ସୋମବାର ମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମିତିର ସଭାପତି ପ୍ରକାଶ ଚନ୍ଦ୍ର ଜେନା ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ମାର୍କଫେଡ କ୍ଷେତ୍ର ପରିଚାଳକ ଧିରେନ୍ଦ୍ର କୁମାର ବାରିକ ଯୋଗ ଦେଇ ଏହି ମଣ୍ଡି ଖୋଲିବା ଦ୍ୱାରା ଚାଷୀମାନେ ଉଚିତ ମୂଲ୍ୟ ପାଇ ପାରିବେ ବୋଲି ଗୁରୁତ୍ୱାରୋପ କରିଥିଲେ। ଚାଷୀ ଭାବେ ଭିକାରୀ ସ୍ୱାଇଁ, କାଳନ୍ଦୀ ଭୋଇ, ବୁଟୁନା ବେହେରା, ଗୌରାଙ୍ଗ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସମିତି ସଂପାଦକ ବାପୁଜୀ କୁମାର ଜେନା ପରିଚାଳନା କରୁଥିବା ବେଳେ ଡିଇଓ ପ୍ରଶାନ୍ତ କୁମାର ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ।

## ଏଞ୍ଜେଲିନା ଧୂପକାଠି ଉପରେ ସଙ୍ଗୀନ ଆରୋପ ଆଣିଛନ୍ତି ବ୍ୟବସାୟୀ




**ନୂଆପଡା,(ଡିକେ ନ୍ୟୁଜ୍):** ଏଞ୍ଜେଲିନା ଧୂପକାଠି କମ୍ପାନୀ ଉପରେ ଅଭିଯୋଗ କରିଛନ୍ତି ବ୍ୟବସାୟୀ। କାରଣ ଦର୍ଶାଇବାକୁ ଯାଇ ଅଭିଯୋଗ କରିଛନ୍ତି ଯେ ଧୂପକାଠି ଯୋଗାଇ ଥିବା କମ୍ପାନୀ ଡବଲ ଦାମରେ ମେସିନ ଯୋଗାଇ ନିଜେ ମାଲାମାଲ ହେଉଛି। ଗତ ୯ ତାରିଖ ଦିନ ସଖାଳ ସମୟରେ ଉପରୋକ୍ତ କମ୍ପାନୀ ବିରୋଧରେ ପଡୋଶୀ ଜିଲ୍ଲା ବରଗଡ ଅନର୍ଗତ ପାଇକମାଲ ଅଞ୍ଚଳର ଉପଭୋକ୍ତା ଯେଉଁ ମାନେ ସପୃକ୍ତ କମ୍ପାନୀ କିଛି ୟୁଟ୍ୟୁବ ସାମ୍ବାଦିକମାନଙ୍କ ସହିତ ହାତ ମିଳାଇ ଏହି ପ୍ରକାର ର୍ୟାକେଟ୍ ଚଳେଇ ଆସୁଥିବାର ସୂଚନା ପ୍ରଦାନ କରିଛନ୍ତି। କିନ୍ତୁ ସମ୍ପୃକ୍ତ କମ୍ପାନୀ ବିନା ଜିଏସଟିରେ ଲକ୍ଷ ଲକ୍ଷ ଟଙ୍କା ସାଧାରଣ ବିଲ୍ ପ୍ରଦାନ କରୁଥିବାର କଥା ସାଧାରଣ ଲୋକ ପୋଲିସ ପ୍ରଶାସନ ଗ୍ରହଣ କରୁନାହିଁ। ଏପରିକି ଏହି ସମ୍ବନ୍ଧରେ ନିଜେ ନୂଆପଡା ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ସହିତ ଯୋଗାଯୋଗ କରି ଜାଣିବାକୁ ପାଇଲୁ ଯେ ତାହା ଏକ ବେସରକାରୀ କମ୍ପାନୀ ଏବଂ ଯାହା ବିଲ୍ ସେ ଗ୍ରହଣ କରୁଛି ତାହା ସେ ଜିଏସ୍‌ଟି ବିଲ୍ ପ୍ରଦାନ କରି ଦେବାକଥା। କିନ୍ତୁ ଏହା ଏକ ବଡ ଠକ କମ୍ପାନୀ ବୋଲି ଲୋକେ ଗଣମାଧ୍ୟମ ପ୍ରତିନିଧି ସମୁଖରେ ପ୍ରକାଶ କରିବାରେ କୁଣ୍ଠାବୋଧ କରିନାହାନ୍ତି। ଉକ୍ତ କମ୍ପାନୀ ଯୋଗାଇଥିବା ମେସିନ ଖରାପ ହେଲାପରେ ମଧ୍ୟ କୌଣସି ପ୍ରକାରର ସାହାଯ୍ୟ ବ୍ୟବସ୍ଥା ନ କରୁଥିବାର ଅଭିଯୋଗ ମଧ୍ୟ କରିଛନ୍ତି ଉପଭୋକ୍ତା। ବିଲ ଦେଉଥିବା ଏଞ୍ଜେଲିନା କମ୍ପାନୀ ଲକ୍ଷ ଲକ୍ଷ ଟଙ୍କା ବିନା ଜିଏସ୍‌ଟି ଥିବା ବିଲ୍ ଲୋକଙ୍କୁ ଦେଇ ଠକୁଥିବାର ଅଭିଯୋଗ ଜନସାଧାରଣ ତଥା ଏଠିକାର ବଣିକ ସଂଘ ଅଭିଯୋଗ କରିଛନ୍ତି।

## ଖିଣ୍ଡା ତଲାବିରା କୋଇଲା ଖଣିରେ ତେଜୁଛି ଗ୍ରାମବାସୀଙ୍କ ପୁଞ୍ଜିଭୂତ କୋହ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ରେଙ୍ଗାଲିର ମାନ ସମ୍ମାନ ବଞ୍ଚାଇବାକୁ ଏକ ହେଲେ ବୀର ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଭିଟାମାଟି ଖିଣ୍ଡା ଗ୍ରାମବାସୀ। ସାମାଜିକ ସେବା ନାହିଁ ତ ଶିଳ୍ପ ନାହିଁ। ପରିବେଶ ପ୍ରତି ଧ୍ୟାନ ଦେବନିତ ପ୍ରଦୂଷଣ ରୋକିବାକୁ ଆମେ ଏବେ ଏକାଠି ଏଭଳି ସ୍ୱର ୯ ତାରିଖ ଦିନ ତେଜିଛି। ସମ୍ବଲପୁର ଜିଲ୍ଲା ରେଙ୍ଗାଲିର ବ୍ଲକ୍‌ର ଖିଣ୍ଡା ପଞ୍ଚାୟତବାସୀ ୯ ତାରିଖ ସକାଳ ୯ ଟାରୁ ତଲାବିରା କୋଇଲା ଖଣିର ମୁଖ୍ୟ ଦ୍ୱାରକୁ ଆସି ଅର୍ଥନୈତିକ ଅବରୋଧ କରିବା ସହିତ ଖଣିର ସମସ୍ତ କାମ ବନ୍ଦ କରି ମୁଖ୍ୟ ଫାଟକ ପାଖରେ ଜଗିବସି ରହିଲେ। ଅନ୍ୟ ପଟେ ଖବର ମିଳିଥିଲା କମ୍ପାନୀର ଭିତର କାମ ଚାଲୁଥିବାର, ଏହା ଶୁଣି ଲୋକେ ଉତ୍ତ୍ୟକ୍ତ ହୋଇ କମ୍ପାନୀ ଭିତରକୁ ଯାଇ ସମସ୍ତ କାମ ବନ୍ଦ କରିଥିଲେ। ଦୀର୍ଘ ଦିନରୁ ଲୋକଙ୍କ ମନରେ ବସା ବାନ୍ଧିଥିବା ପୁଞ୍ଜିଭୂତ କୋହ ଉଗ୍ର ରୂପ ନେଇଥିଲା। ସମ୍ବଲପୁର-ଝାରସୁଗୁଡା ଜିଲ୍ଲା ତଲାବିରା କୋଇଲା ଖଣିରୁ ନିର୍ଗତ କୋଇଲା ଗୁଣ୍ଡ ଲୋକଙ୍କୁ ଅଣନିଶ୍ୱାସୀ କରୁଛି। ବ୍ୟାପକ ପରିମାଣରେ କୋଇଲା ଉତ୍ତୋଳନ ହେବା ଯୋଗୁଁ ସମଗ୍ର ଅଞ୍ଚଳରେ ଧୂଳିର ଆସ୍ତରଣ ଜମି ଯାଇଛି। ଲୋକଙ୍କ ଘରେ ବାହାରେ ଗଛ ଉପରେ ପାଉଁଶର ଆସ୍ତରଣ ଜମି ଯାଇଛି। ଫଳରେ ଲୋକଙ୍କ ଭିତରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ମୁଖ୍ୟତଃ ସ୍ଥାନୀୟ ନିଯୁକ୍ତି, ଜମିବାଡ଼ିର ଉଚିତ ମୂଲ୍ୟ, ଥଇଥାନ ପ୍ରସଙ୍ଗ, ନିମ୍ନ ମାନର ସିଏସଆର କାମ, କମ୍ପାନୀର ଅଧିକାରୀ ମାନଙ୍କର ବ୍ୟବହାର ପ୍ରଭୃତି ବିଷୟକୁ ନେଇ ରାଗିଥିଲେ ଗ୍ରାମବାସୀ। ଦୀର୍ଘ ସମୟ ଧରି ଚାପା ଉତ୍ତେଜନା ଲାଗି ରହିବା ଫଳରେ ଅପରାହ୍ନ ୨ଟାରେ ରେଙ୍ଗାଲି ତହସିଲଦାର ତକ୍ଷରାଜ ଭିତିରିଆ, ଏନଏଲସି କମ୍ପାନୀର ସିଜିଏମ ଦୟାନନ୍ଦ, ଡ଼ିଜିଏମ ରଘୁମଣି ବେହେରା, ସୁରେନ୍ଦ୍ର ସାଏଙ୍କ ବଂଶଜ ଲାଲ ବିରେନ୍ଦ୍ର ସାଏ, ହେମନ୍ତ ରାଉତ, ଟିଙ୍କୁ ମେହେର, ଚନ୍ଦ୍ର ଶେଖର ରାଉତ, ସୁନିଲ ଦାସ, ତୁଲା କାନ୍ତ ବୁଧିଆ, କିଶୋର ସାହୁ, ଉମାକାନ୍ତ ମେହେର, ଜତିନ ସାହୁଙ୍କ ସହିତ ଗ୍ରାମବାସୀ ଓ ଅନ୍ୟ ପ୍ରମୁଖ ଲୋକ ଉପସ୍ଥିତିରେ ଉପ ଜିଲ୍ଲାପାଳ ସ୍ତରୀୟ ଆଲୋଚନା ପ୍ରସ୍ତାବ ହୋଇଥିଲା। ଏହାକୁ ଉପସ୍ଥିତ ଜନତା ଏଡାଇ ଦେଇ ଜିଲ୍ଲାପାଳ ସ୍ତରୀୟ ଆଲୋଚନା ପାଇଁ ଅଡ଼ି ବସିଥିଲେ। ଶେଷରେ ତାହାହିଁ ହେଲା। ଏକ ସପ୍ତାହ ପରେ ଆଲୋଚନା ପାଇଁ ରାଜି ହୋଇଥିଲେ। ଅନ୍ୟ ପଟେ ଜିଲ୍ଲା ପ୍ରଶାସନର ଚାପ ଯୋଗୁଁ ଆଜି ଆରଡିସିଙ୍କ ସହିତ କମ୍ପାନୀର ଏକ ଆଲୋଚନା ସଭା ହୋଇଥିବା ନେଇ କମ୍ପାନୀ ସିଜିଏମ ସର୍ବ ସମ୍ମୁଖରେ କହିଥିଲେ। ଏଠାରେ ସୂଚନା ଯୋଗ୍ୟଯେ, ରେଙ୍ଗାଲି ତାର ହୃତ ଗୌରବ ହରାଇଛି। ଶିଳ୍ପ ସଂସ୍ଥାର ମାଲିକାନା ବଢିଛି। ନ୍ୟାୟ ଅନ୍ୟାୟ କିଛି ମାନୁ ନାହାଁନ୍ତି। ଟଙ୍କା ଓ ବାହୁବଳ ଦେଖାଇ ପ୍ରକୃତିର ଧରିତ୍ରୀ ଯେଭଳି ବିବସ୍ତ୍ର ଓ ଧର୍ଷିତ ହେଉଛି ତାକୁ ଆଉ ବରଦାସ୍ତ କରାଯିବ ନାହିଁ। ସଂଗ୍ରାମୀ ମାଟିର ସୁରକ୍ଷା ପାଇଁ ବୀର ସୁରେନ୍ଦ୍ର ସାଏଙ୍କ ଭିଟାମାଟି ଖିଣ୍ଡା ଲୋକ ଏବେ ଏକଜୁଟ ହୋଇଥିବା ବେଳେ ପ୍ରଦୂଷଣରେ ଛନ୍ଦି ହୋଇପଡିଥିବା ରେଙ୍ଗାଲିର ପୂର୍ବ ପରିଚୟ ତିଆରି କରିବାକୁ ଖିଣ୍ଡା ପରି ଅନେକ ଅଞ୍ଚଳବାସୀ ସାମ୍ନାକୁ ଆସି ପରିବେଶ ସୁରକ୍ଷା ପାଇଁ ରେଙ୍ଗାଲିର ଭବିଷ୍ୟତ ପାଇଁ ବର୍ତ୍ତମାନ ଅଣ୍ଟା ଭିଡୁଥିବା ଓ ଏଥିପାଇଁ ଜନମତ ଲୋଡି ପ୍ରସ୍ତୁତ ହେଉଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳୁଛି।

## ୪୮ କିଲୋ ଗୋ-ମାଂସ ଜବତ: ୫ ଗିରଫ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁର ଜିଲ୍ଲା ଧନୁପାଲି ପୋଲିସ ମୋତିଝରନ ଅଞ୍ଚଳରେ ଚଢ଼ଉ କରି ୪୮ କିଗ୍ରା ଗୋମାଂସ ଜବତ କରିଛି। ଏହି ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ବେଆଇନ ଭାବେ ଗୋ ହତ୍ୟା କରି ଗୋମାଂସ ଗଚ୍ଛିତ ରଖୁଥିବା ଅଭିଯୋଗରେ ମୋତିଝରନର ଏମଡ଼ି ଇମ୍‌ତିଆଜ (୨୫), ଏମଡ଼ି ନିଆଜ (୨୪), ଏମଡ଼ି ସିରାଜ (୩୫), ଏମଡ଼ି ନୂର ଆଲମ (୩୮) ଏବଂ ଏମଡ଼ି ଆଲମଗିର (୨୪) ଙ୍କୁ ପୋଲିସ ଗିରଫ କରିଛି। ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଭାରସାମ୍ୟ ହରାଇ ଗଛକୁ ପିଟିଲା ହାଇୱା



**କଲ୍ୟାଣସିଂହପୁର,(ଡିକେ ନ୍ୟୁଜ୍):** ରାୟଗଡା ଓ କଲ୍ୟାଣସିଂହପୁର ୫୬ ନମ୍ବର ରାଜ୍ୟ ରାଜପଥରେ ଏକ ହାଇୱା ନିୟନ୍ତ୍ରଣ ହରାଇ ଏକ ଗଛରେ ପିଟି ହୋଇ ଅଳ୍ପକେ ବର୍ତ୍ତିଗଲେ ଡ୍ରାଇଭର ଓ ହେଲପର। କଲ୍ୟାଣସିଂହପୁର ସୀମାନ୍ତ କୋଲନରା ବ୍ଲକ ଗାଡ଼ି ଶେଷଖାଲ ପଞ୍ଚାୟତ କଲଟିଗୁଡା ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ସକାଳୁ ସକାଳୁ ବର୍ଷା ଲାଗି ରହିଥିବାରୁ ଏଭଳି ଘଟଣା ଘଟିଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଘଟଣା ଘଟିବା ପରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଡ୍ରାଇଭର ହେଲପରକୁ ଉଦ୍ଧାର କରି ଡାକ୍ତର ଖାନା ପଠେଇ ଥିଲେ। ଦୁର୍ଘଟଣାଗ୍ରସ୍ତ ହାଇୱା ଚୁରମାର ହୋଇଥିବା ଦେଖିବାକୁ ମିଳିଛି। ଚନ୍ଦିଲି ପୋଲିସ ତଦନ୍ତ କରୁଥିବା ଜଣା ପଡିଛି।

## ପରଲୋକରେ ସଂଗ୍ରାମୀ କମ୍ୟୁନିଷ୍ଟ ନେତା ଅନିତ ଚକ୍ରବର୍ତ୍ତୀ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ମନ୍ଦଳିଆ ରେ ରହୁଥିବା ବିଶିଷ୍ଟ ସଂଗ୍ରାମୀ କମ୍ୟୁନିଷ୍ଟ ନେତା ଅନିତ ଚକ୍ରବର୍ତ୍ତୀ(୭୦)ଙ୍କ ଆଜି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ ଠାରେ ଭୋର ୩ ଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ଏହି ଖବର ଜାଣିଲା ପରେ ବ୍ରଜରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ୧୯୫୪ ମସିହା ଡିସେମ୍ବର ୧ ତାରିଖରେ ପଶ୍ଚିମବଙ୍ଗ ରାଜ୍ୟର ମେଦିନୀପୁର ଜିଲ୍ଲା ଅନ୍ତର୍ଗତ ସାଭେଲିଠାରେ ଜନ୍ମ ଗ୍ରହଣ କରିଥିଲେ। ମେଦିନାପୁର ଜିଲ୍ଲା କମ୍ୟୁନିଷ୍ଟ ଓ କୃଷକ ଆନ୍ଦୋଳନରେ ସେତେବେଳେ ଅନିତ ଚକ୍ରବର୍ତ୍ତୀ ବଡ଼ ଭୂମିକା ନେଉଥିଲେ। ମାଟ୍ରିକ ପାଶ୍ ପରେ ଅନିତ ପହଞ୍ଚନ୍ତି ବ୍ରଜରାଜନଗରରେ। ୧୯୭୧ ମସିହାରେ ବ୍ରଜରାଜନଗର ପଶ୍ଚିମ ଓଡ଼ିଶାର ଜନପ୍ରିୟ କମ୍ୟୁନିଷ୍ଟ ନେତା ତଥା ବ୍ରଜରାଜନଗରର ବିଧାୟକ ପ୍ରସନ୍ନ କୁମାର ପଣ୍ଡାଙ୍କ ସଂସ୍ପର୍ଶରେ ଆସି ଏବଂ ହୀରାକୁଦ ଡ୍ୟାମ ବାସଚ୍ୟୁତ ହୋଇଥିବା ପରିବାରଙ୍କ ଥଇଥାନ ପାଇଁ ସ୍ୱର୍ଗତ ପଣ୍ଡା ଚଳାଇଥିବା ସଂଗ୍ରାମରେ ସାମିଲ ହୋଇଥିଲେ। ବାସଚ୍ୟୁତମାନଙ୍କ ଆନ୍ଦୋଳନରେ ସାମିଲ ହୋଇ ୧୯୭୨ ମସିହା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଭ୍ୟପଦ ଗ୍ରହଣ କରନ୍ତି । ୧୯୯୫ରେ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ପରିଷଦକୁ ନିର୍ବାଚିତ ହୋଇ ଦୀର୍ଘ ୨୩ବର୍ଷ ଧରି ରାଜ୍ୟ ପରିଷଦ ସଭ୍ୟ ଭାବେ ଦାୟିତ୍ୱ ସହ କରିଆସୁଥିଲେ ଏବଂ ବର୍ତ୍ତମାନ ଏଆଇଆଇଟିୟୁସିର ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟରତ ଥିବା ସମୟରେ ବିୟୋଗ ଘଟିଥିଲା।

# ଜିଲ୍ଲାସ୍ତରୀୟ ବାତ୍ସଲ୍ୟ ମେଳା ଅନୁଷ୍ଠିତ



**ଖୋର୍ଦ୍ଧା,(ଡିକେ ନ୍ୟୁଜ୍):** ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ଆନୁକୂଲ୍ୟରେ, ଖୋର୍ଦ୍ଧା ଜୟୀ ରାଜଗୁରୁ ଟାଉନ ହଲ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକଙ୍କ ପୋରହିତ୍ୟରେ ଜିଲ୍ଲାସ୍ତରୀୟ ବାତ୍ସଲ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଜିଲ୍ଲାପାଳ ଚଞ୍ଚଳ ରାଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟ ରେ କହିଲେ ସବୁ ଜାତି, ସବୁ ଧର୍ମରେ ଝିଅମାନଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଏଣୁ ଖୋର୍ଦ୍ଧା ଜିଲ୍ଲାରେ ଭଲ ପାଠ ପଢୁଥିବା ଝିଅ ବା ଶତକଡା ୬୦ ପ୍ରତିଶତରୁ ଅଧିକ ନମ୍ବର ରଖୁଥିବା ଝିଅ ମାନଙ୍କୁ ପ୍ରାଥମିକତା ଭିତ୍ତିରେ ମିଶନ ବାତ୍ସଲ୍ୟ ଯୋଜନାରେ ସାମିଲ କରି ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସର୍ବାଙ୍ଗୀନ ଉନ୍ନତିରେ ଅଧିକାରୀମାନେ ଉତ୍ତରଦାୟିତ୍ୱର ସହ କାର୍ଯ୍ୟ କରି ସରକାରଙ୍କର ଏଭଳି ଅଭିନବ ଯୋଜନାକୁ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଗତ କୋଭିଡ ସମୟରେ ଯେଉଁ ମାନେ ନିଜ ପିତାମାତା କିମ୍ବା ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇଲେ ସେହି ସମୟରେ କେନ୍ଦ୍ର ସରକାର ଏଭଳି ଏକ ଯୁଗାନ୍ତକାରୀ ଯୋଜନାର ଶୁଭାରମ୍ଭ କରିଥିଲେ। ଯାହା ଦ୍ୱାରା ଅନାଥ ଛାତ୍ର ଛାତ୍ରୀମାନେ ନିଜର ମେଧା ଓ ଧୀ ଶକ୍ତି ମାଧ୍ୟମରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଆଗକୁ ଭବିଷ୍ୟତ ଗଢ଼ିବା ପାଇଁ ସ୍ୱପ୍ନ ଦେଖି ବାସ୍ତବରେ ପରିଣତ କରିପାରୁଛନ୍ତି। ଅଭିଭାବକ, ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର, ଛାତ୍ରୀ ଏବଂ ସମସ୍ତ ବିଭାଗ ସମନ୍ୱୟ ରଖି ଖୋର୍ଦ୍ଧା ଜିଲ୍ଲାରେ ମିଶନ ବାତ୍ସଲ୍ୟକୁ ଶତ ପ୍ରତିଶତ ସଫଳତା ହାସଲ ପାଇଁ ନିଷ୍ଠାପର ସେବା ଜାରି ରଖିଲେ ମେଳାର ସାର୍ଥକତା ସାଧିତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ପ୍ରତି ଛ ମାସ ଅନ୍ତରରେ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାରେ କେତେ ଉନ୍ନତି ହେଉଛି। ସ୍ୱାସ୍ଥ୍ୟରେ କି ଉନ୍ନତି ହେଉଛି ତଥା ଆଧ୍ୟାତ୍ମିକ ବିକାଶରେ କି ଉନ୍ନତି ହେଉଛି ତାହା ଏହି ମେଳା ମାଧ୍ୟମରେ ପରିମାପ କରାଯିବ। ଯେଉଁ ମାନଙ୍କର ଶତକଡା ୬୦ ପ୍ରତିଶତ ନମ୍ବରରୁ ଅଧିକ ରଖୁଥିବେ ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଏଣୁ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜକୁ ଏହି ଯୋଜନାରେ ସାମିଲ କରିବାକୁ ନିଜର ପାରଦର୍ଶିତା ପ୍ରତିପାଦିତ କରିବାକୁ ଜିଲ୍ଲାପାଳ ଉତ୍ସାହିତ କରିଥିଲେ। +୨ ପରୀକ୍ଷାରେ ଶତକଡା ୬୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଦିପାଳି ଦାସ, ପିଙ୍କି ସିଂହ, ଶୁଭଲକ୍ଷ୍ମୀ ଦଳାଇ, ମହେଶ୍ୱର ଗିରିଙ୍କୁ ଏବଂ ଏଚ.ଏସ.ସି/ ସି.ବି.ଏସ.ଇ ପରୀକ୍ଷାରେ ଶତକଡା ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଯମୁନା ନାଏକ, ଶିବାନୀ ନାୟକ, ଶ୍ରୀମାନ ରବୀନ୍ଦ୍ର, ରଶ୍ମିତା ହେମ୍ବ୍ରମ୍, ବର୍ଷା ପ୍ରିୟଦର୍ଶିନୀ, ଏନ୍. ଗଣେଷ, ସାବିତ୍ରୀ ମଲ୍ଲିକ, ସୌମ୍ୟ ଆର.ମହାନ୍ତିଙ୍କୁ ୪ ହଜାର ଲେଖାଏଁ ଅର୍ଥ ରାଶି ପ୍ରଦାନ କରି ଏହି ଯୋଜନାକୁ ସଶକ୍ତ କରିବା ସହ ସମସ୍ତ ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି କହିଥିଲେ। ଯୋଜନାର ଦୁଇଜଣ ସଫଳ ହିତାଧିକାରୀ ଦେବସ୍ମିତା ହୋତା ଏବଂ ଚିନ୍ମୟୀ ବିଶୋଇ ନିଜର ପ୍ରେରଣାଦାୟୀ ଅନୁଭୂତି ପ୍ରକାଶ କରିଥିଲେ। ସସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ରଞ୍ଜିତା ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ୟୁନିସେଫ ପରାମର୍ଶଦାତା ଘାସିରାମ ପଣ୍ଡା ପ୍ରମୁଖ ଏହି ପବିତ୍ର ମିଶନ ବାତ୍ସଲ୍ୟ ଯୋଜନାର ବିଭିନ୍ନ ରୂପରେଖ ସମ୍ପର୍କରେ କହିଥିଲେ। ମେଳାର ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ, ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ସରକାରଙ୍କର ଏଭଳି ଅଭିନବ ଯୋଜନାର ବହୁଳ ଲାଭ ନେବାକୁ ନିଜକୁ ପ୍ରସ୍ତୁତ କରିବାକୁ ଛାତ୍ର ଛାତ୍ରୀ ମାନଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ବାତ୍ସଲ୍ୟ ଯୋଜନା ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ମେଳାରେ ଖୋର୍ଦ୍ଧା, ବାଣପୁର, ବେଗୁନିଆ, ଚିଲିକା, ଟାଙ୍ଗୀ, ବୋଲଗଡ଼ ପ୍ରଭୃତି ୬ଟି ବ୍ଲକ୍‌କୁ ନେଇ ମିଶନ ବାତ୍ସଲ୍ୟ ମେଳାରେ ମିଶନ ବାତ୍ସଲ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଡିସିପିଓ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ, ସିଡିପିଓ, ଅଭିଭାବକ, ଛାତ୍ର,ଛାତ୍ରୀ, ଜୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟ, ସଦସ୍ୟା, ଶିଶୁମଙ୍ଗଳ ସମିତି ସଦସ୍ୟ, ସଦସ୍ୟା, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

ଡୁମାଣୀ ଖବର

ବୁଧବାର, ୧୧ ଜୁନ୍, ୨୦୨୫



## ଏଭିବିପି ଓ ପ୍ରୟାସ ଫାଉଣ୍ଡେସନ ମିଳିତ ଉଦ୍ୟମରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ନିଆଳ,(ଡିକେ ନ୍ୟୁଜ୍):** କଟକ ଜିଲ୍ଲା ନିଆଳିରେ ଏକ ଘରୋଇ ମଣ୍ଡପ ଠାରେ ସୋମବାର ଏଭିବିପି ଛାତ୍ର ସଂଗଠନ ଓ ସ୍ୱେଚ୍ଛାସେବୀ ସଂଗଠନ ପ୍ରୟାସ ଫାଉଣ୍ଡେସନ ମିଳିତ ଉଦ୍ୟମରେ ମେଧାବୀ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଆଳି, କଣ୍ଟାପଡ଼ା, ବାରଙ୍ଗ ବ୍ଲକର ୮ଟି କଲେଜର ଯୁକ୍ତ ଦୁଇର ସମସ୍ତ ବିଭାଗର ପ୍ରଥମ ତିନି ଜଣ ଓ ନିଆଳି, କଣ୍ଟାପଡ଼ା ବ୍ଲକର ସମସ୍ତ ଏ-୧ ଛାତ୍ର ଛାତ୍ରୀମାନଙ୍କୁ ମାନପତ୍ର, ଟ୍ରଫି ସହ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଅନେକ ମେଧାବୀ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ନିଆଳି ବିଧାୟକ ଛବି ମଲ୍ଲିକ, ମୁଖ୍ୟବକ୍ତା ଏଭିବିପି ଜିଲ୍ଲା ସହପ୍ରମୁଖ ପ୍ରେମଜିତ୍ ରାୟ, ସମ୍ମାନିତ ଅତିଥି ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ପ୍ରୟାସ ଫାଉଣ୍ଡେସନର ସଭାପତି ମିହିର ରଞ୍ଜନ ନାୟକ, ନିଆଳୀ ଯୁବ ସମାଜସେବୀ ତ୍ରିଲୋଚନ ବେହେରା, ନିଆଳୀ ମଣ୍ଡଳ ସଭାପତି ନବଘନ ସ୍ୱାଇଁ ଆଦିଙ୍କୁ ମଞ୍ଚ ଉପରେ ଦେଖିବାକୁ ମିଳିଥିଲା। ସେହିପରି ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ବିଶ୍ୱାଳ, ସରୋଜ କୁମାର ସ୍ୱାଇଁ, ଏଭିବିପି ସଂଯୋଜକ ଅଭିରାମ ଲେଙ୍କା, ନିଆଳି ଟ୍ରଷ୍ଟର ଉପସଭାପତି ରୋହିତ ମଲ୍ଲିକ, ସାଧାରଣ ସଂପାଦକ ରାଜେଶ ମହାରଣା, କୋଷାଧ୍ୟକ୍ଷ ଜଗନ୍ନାଥ ବିଶ୍ୱାଳଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନ୍ ପରୀକ୍ଷାରେ ବିକାଶ ଲ' ସ୍କୁଲର ସଫଳତା

**ବରଗଡ,(ଡିକେ ନ୍ୟୁଜ୍):** ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ବିଏ ଏଲ୍ଏଲ୍‌ବି (ଅନର୍ସ) ଫାଇନାଲ ସେମିଷ୍ଟାର ପରୀକ୍ଷା (୨୦୨୪-୨୫) ରେ ବରଗଡ ବିକାଶ ଲ' ସ୍କୁଲର ୮ଜଣ ଛାତ୍ରଛାତ୍ରୀ ଟପ୍‌ଟେନ୍ ତାଲିକାରେ ସ୍ଥାନ ପାଇଛନ୍ତି। ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ପରୀକ୍ଷା ଫଳରେ ବିକାଶ ଲ' ସ୍କୁଲ ବରଗଡର ଅଭିପ୍ସା ପ୍ରିୟଦର୍ଶିନୀ ୧ମ ର୍‍ୟାଙ୍କ୍, ତନ୍ମୟା ମହାକୁର୍ ୨ୟ ର୍‍ୟାଙ୍କ୍, ପ୍ରତ୍ୟାଶା ମିଶ୍ର ୩ୟ ର୍‍ୟାଙ୍କ୍, ଲିଜା ମେହେର ୫ମ ର୍‍ୟାଙ୍କ୍, ସୌମ୍ୟ ରଞ୍ଜନ୍ ପଣ୍ଡା ୬ଷ୍ଠ ର୍‍ୟାଙ୍କ୍, ସୌମ୍ୟାଶ୍ରୀ ମହାପାତ୍ର ୭ମ ର୍‍ୟାଙ୍କ୍, ନବନୀତା ପଣ୍ଡା ୮ମ ର୍‍ୟାଙ୍କ୍, ଓ ଦେବୀରାଣୀ ସାହୁ ୯ମ ର୍‍ୟାଙ୍କ୍, ରଖିଛନ୍ତି। ଏହି ସେମିଷ୍ଟାରର ସମସ୍ତ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତିର୍ଣ୍ଣ ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ଏହି ଅନନ୍ୟ ସଫଳତାରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ବିକ୍ରମ କୁମାର ଦାସ ସମସ୍ତ କୃତୀ ଛାତ୍ରଛାତ୍ରୀ, ଅଭିଭାବକ ତଥା ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଉଚ୍ଚକୋଟୀର ଶିକ୍ଷାଦାନ ଓ ଛାତ୍ରଛାତ୍ରୀଙ୍କ ନିରନ୍ତର ପରିଶ୍ରମ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି ମତବ୍ୟକ୍ତ କରିଛନ୍ତି। ବିକାଶ ଉଚ୍ଚ ଶିକ୍ଷାନୁଷ୍ଠାନ ସମୂହର ଚେୟାରମେନ୍ ଡି. ନାଗେଶ୍ୱର ରାଓ ମଧ୍ୟ ଅନୁଷ୍ଠାନର ଅଧ୍ୟକ୍ଷ ଡ. ବିକ୍ରମ କୁମାର ଦାସ, ସମସ୍ତ କୃତୀ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

**ପୁରୀ,(ଡିକେ ନ୍ୟୁଜ୍):** ମୋଚିସାହି କଲ୍ୟାଣ ମଣ୍ଡପ ଠାରେ ପୁରୀ ପୌରାଞ୍ଚଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଆୟୋଜିତ ଏହି ପ୍ରତିଯୋଗିତାରେ ପୁରୀ ପୌରାଞ୍ଚଳର ୧୬ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପୁରୀ ସଦର ବିଡ଼ିଓ ସସ୍ମିତ ଶତପଥୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ପ୍ରୋଗ୍ରାମ ଅଫିସର ସୁହାଗୀ ଦେମ୍ପ୍ରମ, ଚନ୍ଦ୍ରପ୍ରଭା ଦେଇ, ବାଲ୍ୟବତୀ ମହାନ୍ତି, ମିଶନ ଶକ୍ତି ସଂଯୋଜିକା ସ୍ୱାଗତିକା ପରିଡା ପ୍ରମୁଖ ଉପସ୍ଥିତ ରହି ଖାଦ୍ୟ ପ୍ରସ୍ତୁତ କରୁଥିବା ମା' ମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ସମୟରେ ପାରମ୍ପରିକ ଖାଦ୍ୟ ଅଭାବରୁ ବିଦେଶୀ ଖାଦ୍ୟ ପ୍ରତି ଯୁବ ବର୍ଗର ଆଗ୍ରହ ବଢୁଛି। କିନ୍ତୁ ଏହି ଭଳି ଖାଦ୍ୟ ମେଳାର ଆୟୋଜନ ଆମ ପାରମ୍ପରିକ ଖାଦ୍ୟ ପ୍ରତି ଆଗ୍ରହ ଓ ରୁଚି ବୃଦ୍ଧି କାରିବ ବୋଲି ଅତିଥିମାନେ ମତ ଦେଇଥିଲେ। ପରେ ଅତିଥିମାନେ ସମସ୍ତ ଖାଦ୍ୟ ଷ୍ଟଲ ପରିଦର୍ଶନ କରିବା ସହ ବିଭିନ୍ନ ଖାଦ୍ୟ ଚାଖିଥିଲେ। ଶେଷରେ ଖାଦ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମଣୀନାଗେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ, ଦ୍ୱିତୀୟ ଭଗବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ତୃତୀୟ ଗଛକାଳୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପୁରୀ ପୌରାଞ୍ଚଳ ସିଡିପିଓ ବିନୋଦିନୀ ତ୍ରିପାଠୀ ଓ ବିଭାଗୀୟ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା ତରଫରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ

**କୋରାପୁଟ,(ଡିକେ ନ୍ୟୁଜ୍):** ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲେଖ ରହିଛି ଯେ ଅବିଭକ୍ତ କୋରାପୁଟ ଜିଲ୍ଲାର ଜନସଂଖ୍ୟାର ମୁଖ୍ୟ ଅଂଶ ମୂଳନିବାସୀ ତଥା ଅନୁସୂଚୀତ ଜାତି/ଜନଜାତି ଏବଂ ପଛୁଆବର୍ଗ ଅଟନ୍ତି। ସ୍ୱାଧୀନତାର ଦୀର୍ଘ ୭୭ବର୍ଷ ବିତି ଯାଇଥିଲେ ମଧ୍ୟ ଏଠାକାର ମୂଳବାସିନ୍ଦାଙ୍କୁ ସମ୍ପୂର୍ଣ୍ଣ ରୂପେ ସାମ୍ବିଧାନିକ ଓ ଆଇନଗତ ବ୍ୟବସ୍ଥା ତଥା ମାନବିକ ଅଧିକାର ଅନୁସାରେ ଉଚିତ୍ ପରିମାଣରେ ସୁରକ୍ଷା ପ୍ରଦାନ କରାଯାଇ ପାରୁନାହିଁ। ଏଣୁ ଐତିହାସିକ ଭାବେ ସାମାଜିକ, ଆର୍ଥିକ, ଆଇନଗତ ବିଷମତାର ଶିକାର ହୋଇ ଅମାନବୀୟ ଅବସ୍ଥାରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଅନୁସୂଚୀତ ଜାତି, ଜନଜାତି, ପଛୁଆବର୍ଗ ଓ ଧର୍ମ ପରିବର୍ତ୍ତିତ ଅଳ୍ପସଂଖ୍ୟକ ନାଗରିକ ମାନେ ରାଷ୍ଟ୍ରୀୟ ଖ୍ରୀଷ୍ଟିୟାନ ମୋର୍ଚ୍ଚା ଏବଂ ଭାରତ ମୁକ୍ତି ମୋର୍ଚ୍ଚାର ସଂଯୁକ୍ତ ତତ୍ତ୍ୱାବଧାନରେ ଦୁଇ ଜୁନ୍ ସୋମବାର ଦିନ ଭାରତର ସମସ୍ତ ଜିଲ୍ଲାରେ ଏକକାଳୀନ ଶାନ୍ତିପୂର୍ଣ୍ଣ ଭାବେ ମହାମହିମ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଓବିସି ବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯାଉ। ଅନୁସୂଚୀତ ଜାତି/ଜନଜାତିଙ୍କ ବୈଷୟିକ ଶିକ୍ଷା କ୍ଷେତ୍ରରେ ୩୮ ପ୍ରତିଶ ତିଶତ ସଂରକ୍ଷଣ ଦିଆଯାଉ ଭଳି ଦାବି ରହିଛି।

## ବଜ୍ରାଘାତରେ ୩ ଗୋରୁଙ୍କ ମୃତ୍ୟୁ



**କଲ୍ୟାଣସିଂହପୁର,(ଡିକେ ନ୍ୟୁଜ୍):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିକରପାଇ ପଞ୍ଚାୟତ ତଳସଜା ଗ୍ରାମରେ ତିନି ଗୋରୁଙ୍କ ବଜ୍ରାଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଉକ୍ତ ଗ୍ରାମର ପାଇକ ମିଣିଆକା, ଜୟରାମ ମିଣିଆକା, ଜାଗାରାଓ ମିଣିଆକାଙ୍କ ଗୋଟିଏ ବଳଦ ସହ ଦୁଇଟି ଗାଈର ମୃତ୍ୟୁ ହୋଇଛି । ଏହାର ମୂଲ୍ୟ ପ୍ରାୟ ୮୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଆଜି ସକାଳୁ ୭ଟା ସମୟରେ କାଳବୈଶାଖୀ ହୋଇ ଜୋରରେ ପବନ ବହିବା ସହ ଘଡଘଡି ବିଜୁଳି ମାରିବା ପରେ ବର୍ଷା ହୋଇଥିଲା। ଗାଁ ପାଖର ଏକ ଗଛ ମୂଳେ ଗାଈ ଗୋରୁ ବର୍ଷାରୁ ରକ୍ଷା ପାଇବା ପାଇଁ ଠିଆ ହୋଇଥିଲେ। ହଠାତ୍ ବିଜୁଳି ମାରିବାରୁ ବଜ୍ରାଘାତର ଶିକାର ହୋଇ ତିନି ଗୋରୁଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ କହିଛନ୍ତି। ଏହି ତିନି ପରିବାର ଗୋରିବ ଶ୍ରେଣୀର ହୋଇଥିବାରୁ ଏମାନଙ୍କୁ ସରକାରଙ୍କ ତରଫରୁ କ୍ଷତି ପୂରଣ ଦେବା ପାଇଁ ଗ୍ରାବାସୀମାନେ ଦାବି କରିଛନ୍ତି।

# ମାତିଛନ୍ତି କାଠ ମାଫିଆ : ପଦା ହେଲାଣି ୪୦ରୁ ୫୦ ଏକର ଶାଗୁଆନ ଜଙ୍ଗଲ

**ଉମରକୋଟ,(ଡିକେ ନ୍ୟୁଜ୍):** ବେଧଡ଼କ ଗଛ କାଟି ସଫା ହୋଇଗଲାଣି ପ୍ରାୟ ୪୦ ରୁ ୫୦ ଏକର ଶାଗୁଆନ ଗଛ। ଗଛ କାଟି ସାରି କାଠ ମାଫିଆ ଉକ୍ତ ଜାଗାକୁ ଟ୍ରାକ୍ଟର ଲଗେଇ ଚଷ କରି ବିହନ ବୁଣିବା ପାଇଁ ଅଣ୍ଟା ଭିଡ଼ିଥିବା ଦୃଶ୍ୟ ସାମ୍ନାକୁ ଆସିଛି। କିନ୍ତୁ ବନ ବିଭାଗର ହାତ ଖାଲି, ଜଙ୍ଗଲରୁ ମୂଲ୍ୟବାନ ଗଛ କାଟି ମାଲେମାଲ ହେଲେଣି କାଠ ମାଫିଆ। ଜଙ୍ଗଲ ସଫା ହେବା ପରେ ବଳକା ଥିବା ଜଙ୍ଗଲକୁ ସୁରକ୍ଷା ଦେଉଛି ବନ ବିଭାଗ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ତେଲନଦୀ ବିଟ୍ ଅଞ୍ଚଳା ପଞ୍ଚାୟତ ଅନ୍ତର୍ଗତ ପୋକନା ଗୁଡ଼ା ବାଲିପଟା ଗ୍ରାମ ସୁନାବେଡା ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲ ମଧ୍ୟରେ। ଏହି ଜଙ୍ଗଲରୁ ବହୁମୂଲ୍ୟ ଶାଗୁଆନ ଗଛ ସବୁ କାଟି ସଫା କଲେଣି ଏହି ବିଷୟରେ ଉମରକୋଟ ବନବିଭାଗକୁ ଖବର ଦେଲେ ମଧ୍ୟ କୌଣସି ଉତ୍ତର ରଖୁନଥିବା ସୁନାବେଡା ବନସୁରକ୍ଷା କମିଟି ସୂଚନା ଦେଇଛନ୍ତି । ବାରମ୍ବାର ଲିଖିତ ଅଭିଯୋଗ ଉମରକୋଟ ବନ ବିଭାଗ ଅଧିକାରୀଙ୍କୁ ଦେବାପରେ ବି ଅଧିକାରୀ ଓ ଫରେଷ୍ଟ ଗାର୍ଡ କର୍ଣ୍ଣ ପାତ କରୁନାହାନ୍ତି । ଏହାର କାରଣ କଣ? ବନ ବିଭାଗ ରେଞ୍ଜର ଓ କାଠ ମାଫିଆଙ୍କ ମଧ୍ୟରେ କିଛି ମଧୁ ଚନ୍ଦ୍ରିକା



ରହିଛି କି? ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଖାତିର କରୁନାହାଁନ୍ତି କାଠ ମାଫିଆ । କାହା ବଳରେ ବଳିୟାନ ଏହି କାଠ ମାଫିଆ ସମୂହ। ବନ ବିଭାଗରେ କାର୍ଯ୍ୟରତ ବଡବଡିଆଙ୍କ ଆଶୀର୍ବାଦ ଅଛି କାଠ ମାଫିଆଙ୍କ ଉପରେ ନା ଆଉ କାହା ଇଙ୍ଗିତରେ ଚାଲିଛି କାଠ ଚୋରା ଚାଲାଣ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସଂରକ୍ଷିତ ଶାଗୁଆନ ଜଙ୍ଗଲରୁ କୋଟି କୋଟି ଟଙ୍କାର ମୂଲ୍ୟବାନ ଗଛ ଗାୟବ। ଏ ବିଷୟରେ ନବରଙ୍ଗପୁର ଏସିଏଫ୍‌ଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବା ପରେ ସେ କହିଛନ୍ତି ମୁଁ ଆସନ୍ତା ୧୨ ତାରିଖରେ ଉମରକୋଟ ଆସି ମୁଁ ନିଜେ ଶାଗୁଆନ ଜଙ୍ଗଲ ତଦାରଖ କରିବି। ତଦାରଖ ପରେ କଣ ପଦକ୍ଷେପ ଗ୍ରହଣ କରିବେ ଦେଖିବାକୁ ରହିଲା। ଅପରପକ୍ଷେ ବେଧଡ଼କ ଜଙ୍ଗଲ କଟା ଚାଲିଥିବା ଯୋଗୁଁ ନିଜର ବାସସ୍ଥାନ ହରେଇବା ସହ ଖାଦ୍ୟ ନ ପାଇ ଗାଁ ମୁହାଁ ହୋଇ ମରଣ ମୁଖରେ ପଡୁଛନ୍ତି ବନ୍ୟଜନ୍ତୁ।

## ବିକାଶ ବାହନ ପରିଚାଳନା ଓ ବିଭିନ୍ନ ସହାୟତା ବଣ୍ଟନ ସମ୍ପର୍କରେ ଜିଲ୍ଲାପାଳଙ୍କ ସମୀକ୍ଷା




**ରାୟଗଡ,(ଡିକେ ନ୍ୟୁଜ୍):** ଜିଲ୍ଲାପାଳଙ୍କ ଦ୍ୱାରା ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜନ ହେବାକୁ ଥିବା ବିକାଶ ମେଳାର କର୍ଯ୍ୟାନ୍ୱୟନ ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତିର ଉପଲବ୍ଧି ବିଶେଷ କରି ଏକ ବର୍ଷ ଭିତରେ ବିଭିନ୍ନ ଯୋଜନାରେ ଉପଲବ୍ଧିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଜନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ଭାବରେ କରାଯିବ। ଆସନ୍ତା ଜୁନ ୧୨ ତାରିଖରୁ ଆସନ୍ତା ଜୁନ ୨୧ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରରେ ବିକାଶ ମେଳା ଆୟୋଜନ କରାଯିବ। ଏହାସହିତ ବିକାଶ ବାହନ ପ୍ରତ୍ୟେକ ବ୍ଲକରେ ପହଞ୍ଚି ଗ୍ରାମ ପଞ୍ଚାୟତ ମାନଙ୍କରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ସମ୍ବନ୍ଧରେ ବିକାଶ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବେ। ଏହି ବାହନ ପରିକ୍ରମା ସମୟରେ ସରକାରଙ୍କ ବିଭିନ୍ନ ବିଭାଗର ସହାୟତା, ପ୍ରମାଣ ପତ୍ର, ଖାଉଟି କାର୍ଡ, ଆଧାର କାର୍ଡ, ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା, ଜଙ୍ଗଲ ଜମି ପଟ୍ଟା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଓ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଏହି ବାହନ ସୂଚକ୍ଷରୁ ପରିଚାଳନା ନିମନ୍ତେ ପରୀଚାଳନା ନିମନ୍ତେ ପ୍ରତ୍ୟେକ ବ୍ଲକରେ ନୋଡାଲ ଅଧିକାରୀ ନିଯୁକ୍ତ କରାଯାଇଛି। ସେହିପରି ପୌରାଞ୍ଚଳ ନିମନ୍ତେ ମଧ ବିକାଶ ବାହନ ପରିକ୍ରମା କରିବ। ନିର୍ବାହୀ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଏହି ବାହନ ପରିକ୍ରମା କରିବ। ବାହାନକୁ ସ୍ୱାଗତ କରିବା ନିମନ୍ତେ କାର୍ଯ୍ୟକ୍ରମ ବିଡ଼ିଓ, ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ଦ୍ୱାରା ବ୍ୟବସ୍ଥା କରାଯିବ। ଏହାସହିତ ବିକାଶ ମେଳରେ ଖାଦ୍ୟ ମେଳା, କ୍ରୀଡା, ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ବୌଦ୍ଧିକ କର୍ମଶାଳା ଆଦି ଅନୁଷ୍ଠିତ। ବିଭିନ୍ନ ବିଭାଗର ଉନ୍ନୟନ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ। ଏହି ସମୀକ୍ଷା ବୈଠରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ବିଡ଼ିଓ ମାନେ ଉପସ୍ଥିତ ଥିଲେ।

## କେଡିୟୁଜେ ପକ୍ଷରୁ ସାଧାରଣ ପରିଷଦ ବୈଠକ

**ଜଟଣୀ,(ଡିକେ ନ୍ୟୁଜ୍):** ଜିଲ୍ଲାସ୍ତରୀୟ ସାମ୍ବାଦିକ ୟୁନିଅନର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଖୋର୍ଦ୍ଧା ଭଗବାନ ଭିଲ୍ଲା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ତପନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ, ବୈଠକରେ ଓୟୁଜେ ରାଜ୍ୟ ସମ୍ପାଦକ ପ୍ରସନ୍ନ ପାଇକରାୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସଂଗଠନର ପୁରାତନ ତଥା ବରିଷ୍ଠ ସଦସ୍ୟ ରବି ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଜିଲ୍ଲା ସଭାପତି ତପନ ନାୟକ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରି ସଭ୍ୟ ସଭ୍ୟାମାନଙ୍କର ସକ୍ରିୟ ସହଯୋଗ କାମନା କରିବା ସହ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ସମସ୍ତଙ୍କୁ ଦିଗଦର୍ଶନ ଦେଇଥିଲେ। ଆଗାମୀ ଦିନରେ ଜିଲ୍ଲାରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କରିବା ସମ୍ପର୍କରେ ସମସ୍ତଙ୍କର ସହଯୋଗ ଲୋଡିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର ଜିଲ୍ଲା ରିପୋର୍ଟ ଉପସ୍ଥାପନ ସହ ଆଗାମୀ ଦିନରେ ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ ଡକ୍ଟରେଟ ଉପାଧି ପାଇଥିବାରୁ ତାଙ୍କୁ ସଂଗଠନ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବରିଷ୍ଠ ସଦସ୍ୟ ରବି ସ୍ୱାଇଁଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ଏହି ବୈଠକରେ ସମସ୍ତ ସଦସ୍ୟଙ୍କୁ ପରିଚୟ ପତ୍ର ଜିଲ୍ଲା ସଭାପତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପ ସଭାପତି ନାରାୟଣ ମହାନ୍ତି, ସୟଦ ଅନସର ଅଲ୍ଲୀ, ସମ୍ପାଦକ ରାଜେଶ ମହାନ୍ତି , ଜିତେନ୍ଦ୍ର ଭଞ୍ଜ, ଚନ୍ଦନ ସୁନ୍ଦରାୟ , ଶ୍ରୀକାନ୍ତ ପ୍ରଧାନ ଓ ସଭ୍ୟମାନଙ୍କ ମଧ୍ୟରେ ଇମଦାଦ ସରିଫ ରାଜେନ୍ଦ୍ର ନାୟକ, ଶୁଭଲକ୍ଷ୍ମୀ ସାମନ୍ତରା, ସିଦ୍ଧାର୍ଥ ମହାନ୍ତି, ଶିବ ଚରଣ ସିଂ, ତ୍ରିଲୋଚନ ବାଘସିଂହ, ପ୍ରଭାତ ମହାନ୍ତି, ଅଜିତ ମିଶ୍ର, ପ୍ରକାଶ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ମହାପାତ୍ର, ସନ୍ଦୀପ ବର୍ମନ , ସତ୍ୟ ପ୍ରକାଶ ସାମନ୍ତରାୟ, ରମେଶ ସାମନ୍ତରାୟ, ମହମ୍ମଦ ଫଜଲୁର ରହମାନ, ମହମ୍ମଦ ଇମ୍‌ଦାତ ସରିଫ, ଦୁର୍ଗା ପ୍ରସାଦ ଦାସ, କମଳ ଲୋଚନ ପାଇକରାୟ, ଅୟସ ମହାନ୍ତି, ସମେତ ବିଭିନ୍ନ ବ୍ଲକରୁ ଆସିଥିବା ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ। ଶେଷରେ ଉପ ସଭାପତି ସୟଦ ଅନସର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବୋଲଗଡ ଗ୍ରାମୀଣ କଳା ମହୋତ୍ସବ ଉଦ୍‌ଯାପିତ



**ବୋଲଗଡ,(ଡିକେ ନ୍ୟୁଜ୍):** ବୋଲଗଡ ସ୍ଥିତ ଆରାଧନା ପ୍ରିନ୍ସେସ ଡ୍ୟାନ୍ସ ଏକାଡେମୀ ଆନୁକୂଲ୍ୟରେ ଓ ପ୍ରତିଷ୍ଠାତା ସତ୍ୟବାନ ପଶ୍ଚିମ କବାଟଙ୍କ ଆବାହକତ୍ୱରେ ଏବଂ ରୌପ୍ୟ ଜୟନ୍ତୀ ଉପଲକ୍ଷେ ଚତୁର୍ଥ ତମ ବୋଲଗଡ ଗ୍ରାମୀଣ କଳା ମହୋତ୍ସବ ଉଯାପିତ ହୋଇଯାଇଛି। ଏହି ମହୋତ୍ସବରେ ଅଶ୍ୱିନୀ କୁମାର ସିଂହଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ମୁଖ୍ୟବକ୍ତା ଭାବେ ଓଡିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର ଓ ସମ୍ମାନିତ ଅତିଥିଭାବେ ସମାଜସେବୀକା ନେତ୍ରୀ ମୀରା ପରିଡା, ଚଳଚିତ୍ର ଅଭିନେତ୍ରୀ ପ୍ରତିଭା ପଣ୍ଡା, ହାସ୍ୟ ଅଭିନେତା ବ୍ରଜ ବିହାରୀ ସୁବୁଦ୍ଧି, ସାମ୍ବାଦିକ ଦୁର୍ଗା ପ୍ରସାଦ ଦାସ, ସେଣ୍ଟ ଜାଭିୟର ହାଇ ସ୍କୁଲ ଅଧ୍ୟକ୍ଷା ରିକରାଣୀ ପଟ୍ଟନାୟକ, ଓଡିଶୀ ନୃତ୍ୟ ଗୁରୁ ଅଭିଜିତ ଦେବ ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବର ପ୍ରାରମ୍ଭରେ ସମସ୍ତ ନିମନ୍ତ୍ରିତ ଅତିଥିମାନେ ଜଗନ୍ନାଥଙ୍କ ପ୍ରତି ମୂର୍ତ୍ତିରେ ଫୁଲ, ଚନ୍ଦନ ଓ ଧୂପ ଦୀପ ଦେଇ ଏହାକୁ ଶୁଭ ଉଦ୍‌ଘାଟନ କରିଥିଲେ। ଆରାଧନା ପ୍ରିନ୍ସେସ ଡ୍ୟାନ୍ସ ଏକାଡେମୀର ଛାତ୍ର ଛାତ୍ରୀମାନେ ଗୁରୁ ବନ୍ଦନା ସହିତ ବେଦ ପାଠ ଗାନ କରିଥିଲେ। ସଭାପତି ଅଶ୍ୱନୀ କୁମାର ସିଂହ ସ୍ୱାଗତ ଭାଷଣ ଦେଇ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦିକା କାଦମ୍ବିନୀ ସୁବୁଦ୍ଧି ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। କଳା, ସାହିତ୍ୟ, ସଂସ୍କୃତି ମାନବ ସମାଜର ସମ୍ମାନ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଶାନ୍ତି ଆଣିଥାଏ ବୋଲି ମୁଖ୍ୟ ଅତିଥି ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ସୂଚନା ଦେଇଥିଲେ। ଗ୍ରାମୀଣ କଳାର ବିକାଶ ଘଟିଲେ ଓଡିଶା ରାଜ୍ୟର ସମ୍ମାନ ବୃଦ୍ଧି ପାଇବ ବୋଲି ମୁଖ୍ୟବକ୍ତା ଓଡିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର ପରାମର୍ଶ ଦେଇଥିଲେ। ବିଭିନ୍ନ କୃତୀ ପ୍ରତିଭା ସମ୍ବର୍ଦ୍ଧ କଳାକାରମାନଙ୍କୁ ଓ ମାନବ ସେବା ପାଇଁ ଗଣତନ୍ତ୍ର ଚତୁର୍ଥ ସ୍ତମ୍ଭ ସାମ୍ବାଦିକ ମାନଙ୍କୁ ଉତ୍ତରୀୟ, ଫୁଲ ତୋଡ଼ା ଓ ମାନପତ୍ର, ଟ୍ରଫି ପ୍ରଦାନକରି ସମ୍ବର୍ଦ୍ଧିତ କରାଯାଇଥିଲା। ବୋଲଗଡ ଆରାଧନା ପ୍ରିନ୍ସେସ ଡ୍ୟାନ୍ସ ଏକାଡେମୀର କଳାକାର ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ଆଧୁନିକ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଓ ଗୋଟି ପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ବଲପୁରୀ ନୃତ୍ୟ ସମସ୍ତ ଦର୍ଶକ ମାନଙ୍କର ମନମହିଥିଲା।

## ଲୋକ ମେଳା ଓ କୃଷି ମେଳା ପ୍ରସ୍ତୁତି ବୈଠକ




**ପୁରୀ,(ଡିକେ ନ୍ୟୁଜ୍):** ଜୁନ୍ ୧୬ରୁ ୨୦ ପର୍ଯ୍ୟନ୍ତ ପାଞ୍ଚ ଦିନ ବ୍ୟାପୀ ସ୍ୱର୍ଣ୍ଣାଭ ବେଳାଭୂମିରେ ୨୩ତମ ଲୋକମେଳା ଓ ୧୬ମ କୃଷିମେଳା ଅନୁଷ୍ଠିତ ହେବ। ଏଥିଲାଗି ସ୍ଥାନୀୟ ସର୍କିଟ ହାଉସ ସମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଳାରେ ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମଣିପୁର, ସିକ୍କିମ, ତ୍ରିପୁରା, ପଶ୍ଚିମ ବଙ୍ଗ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, କେରଳ, ତାମିଲ ନାଡୁ, ରାଜସ୍ଥାନ, ଗୁଜରାଟ, ହରିଆଣା, ପଞ୍ଜାବ ଆଦି ଦେଶର ୨୦ଟି ରାଜ୍ୟର ପ୍ରାୟ ୪୦୦ କଳାକାର ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଥିବା ମେଳା କମିଟିର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସୂଚନା ଦେଇଥିଲେ। ଏହା ସହିତ ହେବାକୁ ଥିବା ଜାତୀୟ ୧୬ତମ କୃଷି ମେଳାରେ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟର ସମସ୍ତ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରଣାଳୟର ସମସ୍ତ ବିଭାଗ, ଓଡ଼ିଶା ସରକାରଙ୍କ କୃଷି ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଯୋଗଦାନ ପାଇଁ ଉପ ମୁଖ୍ୟମନ୍ତ୍ରୀ, ବିଭିନ୍ନ ବିଭାଗର ମନ୍ତ୍ରୀ, କୃଷି ବିଭାଗ ପ୍ରମୁଖ ଶାସନ ସଚିବ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେବେ। ମେଳାକୁ ସଫଳ କରିବା ପାଇଁ ସମସ୍ତ ବିଭାଗ ସହଯୋଗ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ, ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଓ କୋଷାଧ୍ୟକ୍ଷ ନାରାୟଣ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବୁଗୁଡ଼ା ଏନ୍‌ଏସିର ଅପାରଗତା ଯୋଗୁଁ ରାସ୍ତାରେ ମାଳ ମାଳ ଗାଈ ଗୋରୁ : ଯାତ୍ରୀ ହନ୍ତସନ୍ତ



**ବୁଗୁଡ଼ା,(ଡିକେ ନ୍ୟୁଜ୍):** ବୁଗୁଡ଼ା ସହରର ରାଜରାସ୍ତା ସମେତ ବିଭିନ୍ନ ଛକ ଜାଗାରେ ମାଳ ମାଳ ଗାଇଗୋରୁଙ୍କ ଭିଡ ସାଙ୍ଗକୁ ସେମାନଙ୍କ ଉପଦ୍ରବ ଏବେ ସାଧାରଣ ଘଟଣା ପାଲଟିଛି। ଦିନ ରାତି ଚବିଶି ଘଣ୍ଟା ରାସ୍ତା ଉପରେ ଏହି ଗାଇଗୋରୁ ପଲ ରହୁଥିବାରୁ ଲୋକଙ୍କ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେବା ସହ ଗୁରୁତର ଟ୍ରାଫିକ ସମସ୍ୟା ଉପୁଜୁଛି। ସହରର ବ୍ଲକ ଛକ, ମେଡିକାଲ ଛକ, ମଦନ ମୋହନ ଛକ, ପୁରୁଣା ବସଷ୍ଟାଣ୍ଡ, ନୂଆଁ ବସଷ୍ଟାଣ୍ଡ ଛକ, ହାଇସ୍କୁଲ ଛକ ଓ ବଡ଼ଦାଣ୍ଡ ସାହିରେ ପଲ ପଲ ଗାଈଗୋରୁ ଭିଡ଼ ଜମାଉ ଥିବାରୁ ଯାତାୟାତ ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରେ ଗାଈ ଓ ଷଣ୍ଢମାନଙ୍କ ଉତ୍ପାତ ଯୋଗୁଁ ଅନେକ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି ଏବଂ ବିଭିନ୍ନ ସମୟରେ ଗାଡି ମଟର ଧକ୍କାରେ ଗାଈଗୋରୁ ମଧ ଆହତ ହେଉଥିବା ଦେଖିବାକୁ ମିଳୁଛି। ସାଇକେଲ ଓ ବାଇକରେ ଲାଗିଥିବା ପରିବା ବ୍ୟାଗ୍ ଛିଣ୍ଡାଇ ଗାଈଗୋରୁ ଖାଇ ଯାଉଥିବା ବେଳେ ରାସ୍ତା ଉପରେ ଷଣ୍ଢ ଲଢେଇ ଯୋଗୁଁ ଗାଡି ମଟର କ୍ଷତିଗ୍ରସ୍ତ ହେଉଛି। ଏଣୁ, ଏନ୍‌ଏସି ପ୍ରଶାସନ ପକ୍ଷରୁ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦୃଢ ଦାବି ହେଉଛି।

# ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ

**ଗଞ୍ଜାମ,(ଡିକେ ନ୍ୟୁଜ୍):** ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ସ୍ଥାନ ମଧ୍ୟରେ ବ୍ରହ୍ମପୁର ନିକଟବର୍ତ୍ତୀ ମହୁରୀ କାଳୁଆ ମନ୍ଦିର ଅନ୍ୟତମ। ଜିଲ୍ଲା ଓ ଜିଲ୍ଲା ବାହାରୁ ଅନେକ ଲୋକ ଓ ଶିକ୍ଷାନୁଷ୍ଠାର ପିଲାମାନେ ଏଠାକୁ ବଣ ଭୋଜି ନିମନ୍ତେ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଗମନା ଗମନର ସୁବିଧା ପାଇଁ ପକ୍କା ରାସ୍ତା ନିର୍ମାଣ କରୁଛନ୍ତି। ଏବେ ବ୍ରହ୍ମପୁର ଠାରୁ ମହୁରୀ କାଳୁଆ ମନ୍ଦିର ଯାଏଁ ଚାଲିଛି ରାସ୍ତା କାମ। ଠିକାଦାର ତାର ଠିକା ପାଇ ଚଳାଇଛନ୍ତି ରାସ୍ତା କାମ। ରାସ୍ତା କାମ ଆଗକୁ ଆଗକୁ ଯେତେ ଯାଉଛି, ସେପଟେ କାମ ସରୁଥିବା ରାସ୍ତରୁ ସେତେ ପିଚୁ ଉଠି ଖାଲ ସୃଷ୍ଟି ହେଉଛି। ଏଥିରୁ ଜଣାପଡୁଛି ପୂର୍ତ୍ତ ବିଭାଗ କେତେ ମଜବୁତ କାମ କରୁଛନ୍ତି। ଗତ ୩୧ ତାରିଖ ଦିନ ପୂର୍ତ୍ତ ବିଭାଗର ଯେଉଁ ଏଇ ଜଣକ ଭିଜିଲାନ୍ସ ଜାଲରେ ପଡିଲେ, ସେ ଏହି ରାସ୍ତା ଦାୟିତ୍ୱରେ ଥିଲେ ବୋଲି ଶୁଣିବାକୁ ମିଳୁଛି। ବୋଧେ ଠିକାଦାରଙ୍କ ଠାରୁ ପକେଟ ଗରମ କରି ଏପରି ନିମ୍ନମାନର କାମକୁ ପ୍ରଶୟ ଦେଇଥିଲେ। ଠିକାଦାର ମଧ ପୂର୍ତ୍ତ ବିଭାଗର ବାବୁମାନଙ୍କ ପକେଟ ଗରମ କରି ଏପରି ନିମ୍ନ ମାନର କାମ ଚଳାଇଛନ୍ତି। ତେବେ ବିଭାଗୀୟ ଏସଇ



ସବୁ ଜାଣି ଚୁପ ରହୁଛନ୍ତି। ଏ ଦିଗରେ ବିଲକୁଲ ଦୃଷ୍ଟି ଦେଉନାହାନ୍ତି। ଆଗକୁ ବର୍ଷା ଦିନ ଆସୁଛି, ଯଦି ବି ରାସ୍ତା ଧୋଇ ହୋଇଯାଏ ତେବେ ପୁଣି ଏକ ଫାଇଲ ଖୋଲା ହୋଇ ପୁଣି କାମ ହେଇଯିବ ଏଥିରେ ସନ୍ଦେହ ନାହିଁ । କାରଣ ଏଠି ସରକାରୀ ଟଙ୍କାର ହିସାବ ବା ମାଗୁଛି କିଏ? ରାସ୍ତା କାମ ନ ସରନୁ ଯଦି ଏପରି ଅବସ୍ଥା, ତେବେ ସେହି ରାସ୍ତା କେତେଦିନ ଚାଲିବ ତାହା ସମୟ କହିବ। ଏଠି ବିଭାଗୀୟ ବାବୁ ଆଉ ଠିକାଦାର ମାଲାମାଲ, ହଇରାଣ ହେବେ ସାଧାରଣ ଜନତା, ଆଉ ପର୍ଯ୍ୟଟକ। ଏବେ ଯେଉଁ ନୂଆଁ ବାବୁ ଦାୟିତ୍ୱ ନେଇଛନ୍ତି ସେ ପକେଟ ଗରମ କରୁଛନ୍ତି ନା ସଠିକ କାମ କରିବାକୁ ଠିକାଦାରଙ୍କୁ ତାଗିଦ କରୁଛନ୍ତି ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଲା।

# ମନରେଗାରେ ଚାଲିଛି ବ୍ୟାପକ ଅନିୟମିତତା, ଶ୍ରମିକ ବଦଳରେ ମେସିନ କରୁଛି କାମ



ଖୋର୍ଦ୍ଧା, (ଡ଼ିକେ ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବାବେଳେ ଶ୍ରମିକଙ୍କ ପରିବର୍ତ୍ତେ ମେସିନକରୁଛି କାମ। ଜିଲ୍ଲାର ବିଭିନ୍ନ ବ୍ଲକରେ ଏଭଳି ଘଟଣା ସାମ୍ନାକୁ ଆସିଛି। ଏସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିକଟରେ ଏକାଧିକ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି। ମନରେଗାରେ ସବୁଠି ବଡ ଦୁର୍ନୀତି ହେଉଛି ପୋଖରୀ ଖୋଳା। ଖୋର୍ଦ୍ଧା, ଟାଙ୍ଗି, ବେଗୁନିଆ ଭଳି ବିଭିନ୍ନ ବ୍ଲକ ଅଞ୍ଚଳରୁ ଏଭଳି ଅଭିଯୋଗ ଆସୁଛି। ଗ୍ରାମବାସୀଙ୍କ ଅଭିଯୋଗ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଗଲା, ପ୍ରଶାସନସ୍ତରରେ କେହି ମୁହଁ ଖୋଲିବାକୁ ନାରାଜ। ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଥିବା କହି ନିଜ ମୁଣ୍ଡରୁ ଦୋଷ ଖସାଇବାରେ ବ୍ୟସ୍ତ। ତେବେ ଫଳଶୂନ। ବେକାରୀ ଦୂରୀକରଣ ଲାଗି ଶତାଧିକ ଶ୍ରମିକଙ୍କୁ ଦକ୍ଷତା ଅନୁସାରେ ମନେରେଗାରେ କାମ ଯୋଗାଇ ଦେବା ଲାଗି ସରକାର ଗୁରୁତ୍ୱ ଦେଇଥିଲେ। ମାତ୍ର କାଗଜପତ୍ରରେ ଶ୍ରମିକ କାମ କରୁଥିବା ଦେଖାଯାଉଥିଲେ ମଧ୍ୟ ବାସ୍ତବ ଚିତ୍ର କିନ୍ତୁ ଅଲଗା। ମନେରେଗାରେ ଶ୍ରମିକଙ୍କ ପରିବର୍ତ୍ତେ ମେସିନ କାମ କରୁଥିବା ଅଭିଯୋଗ ହେଉଛି। ମନେରେଗାରେ ଆସିଥିବା ଅର୍ଥ ହରିଲୁଟ ଚାଲିଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ଏହାକୁ ନୀରବ ସମର୍ଥନ ଦେଉଥିବା ଦେଖିବାକୁ ମିଳିଛି। ପୂର୍ବ ସରକାରଙ୍କ ସମୟରେ ପଞ୍ଚଦଶ ଅର୍ଥ କମିଶନରେ ମନେରଗା କାର୍ଯ୍ୟ ପାଇଁ ଦିଆଯାଇଥିବା କାର୍ଯ୍ୟାଦେଶର କାର୍ଯ୍ୟ ଏବେ ମଧ୍ୟ ବହୁସ୍ଥାନରେ ଚାଲୁଛି। ଏପରକି ଉକ୍ତ କାମ ଗୁଡିକୁ ଦିନ ଦିପ୍ରହରରେ ଶ୍ରମିକ ବଦଳରେ ମେସିନ ଯୋଗେ କାମ କରୁଛନ୍ତି କିଛି ପେଟି ଠିକାଦାର। ଗହୀର ମଝି ହେବ ଅବା ରାସ୍ତା ପାର୍ଶ୍ୱର କେଉଁଠିବି ତଦନ୍ତ ଲାଗି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡୁନଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ବ୍ଲକ ମନେରଗା କାର୍ଯ୍ୟାରେ ଦୁର୍ନିତୀରେ ବୁଡିଥିବା ଅଭିଯୋଗ ହେଉଛି। ଏହି ବ୍ଲକ ଅଧିନସ୍ଥ ନାଲିପଡା ଅର୍ଜୁନପୁର ପଞ୍ଚାୟତରେ ମନେରଗା ଯୋଜନାରେ ଦେଉଳ ପୋଖରୀ ଓ ନରେନ୍ଦ୍ର ପୋଖରୀ କାର୍ଯ୍ୟ ଚାଲିଛି। ଉକ୍ତ କାର୍ଯ୍ୟକୁ ମେସିନ ସାହାଯ୍ୟରେ ଠିକାଦାରମାନେ ଦିନ ଦିପ୍ରହରରେ କରୁଥିବା ଦେଖାଯାଇଛି। ସେହିପରି ମଲ୍ଲିପୁର, ଟାଙ୍ଗିଆପଡା ଏବଂ ଗୋଳବାଇ ପଂଚାୟତରେ ମଧ୍ୟ ସେହି ସମାନ ତରିକାରେ ମନେରଗା କାର୍ଯ୍ୟ ଚାଲୁଛି। ମାତ୍ର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଗଲେ ଉପରିସ୍ଥ ଅଧିକାରୀ ଏହାକୁ କୌଶଳକ୍ରମେ ଏଡାଇ ଯାଉଛନ୍ତି। ନାଲିପଡା ଅର୍ଜୁନପୁର ପଞ୍ଚାୟତରେ ମନେରଗାରେ କୌଣସି କାର୍ଯ୍ୟାଦେଶ ଦିଆଯାଇନଥିବା ଖୋର୍ଦ୍ଧା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ନାୟକ କହୁଛନ୍ତି। ମନେରେଗା କାମ କେବଳ ଶ୍ରମିକଙ୍କ ଦ୍ୱାରା କରାଯିବା ଲାଗି ଉଦ୍ଦିଷ୍ଟ। ଶ୍ରମିକ ପରିବର୍ତ୍ତେ ମେସିନ ଦ୍ୱାରା କାମ କରାଯାଉଥିବା ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମାତ୍ର କାର୍ଯ୍ୟାଦେଶ ତ ବ୍ଲକ ଯନ୍ତ୍ରୀଙ୍କ ନାଁରେ ଦିଆ ହେଉଛି, କିନ୍ତୁ ବ୍ଲକ ପ୍ରଶାସନ ନଜାଣି କିପରି କାର୍ଯ୍ୟ ହେଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାସ୍ତବରେ ପ୍ରଶାସନ ଜାଣୁଛି ନା ଭାଗ କମିଯିବା ଆଶଙ୍କାରେ ନଜାଣିବା ଭଳି ଅଭିନୟ କରୁଛି, ତାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ରାଜ୍ୟ ସରକାର ଏହି ଘଟଣାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ଲାଞ୍ଚ ପାଇଁ ଗାଇସିଲେଟ୍ ବ୍ଲକ କନିଷ୍ଠ ଯନ୍ତ୍ରୀ ଗିରଫ



ବରଗଡ, (ଡ଼ିକେ ନ୍ୟୁଜ୍): ବରଗଡ଼ ଜିଲ୍ଲାରେ, ଗାଇସିଲେଟ୍ ବ୍ଲକରେ କନିଷ୍ଠ ଯନ୍ତ୍ରୀ (ଜେଇ) ସୁସ୍ମିତା ଓରାମଙ୍କୁ ମଙ୍ଗଳବାର ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଜଣେ ଠିକାଦାରଙ୍କଠାରୁ ୮,୦୦୦ ଟଙ୍କା ଲାଞ୍ଚ ଦାବି ଏବଂ ଗ୍ରହଣ କରିବା ଅଭିଯୋଗରେ ଗିରଫ କରାଯାଇଛି। ଏହି ଦେୟ ଥିଲା ମୋଟ ୩୨,୦୦୦ ଟଙ୍କା ଏକ ବଡ଼ ଲାଞ୍ଚ ଅନୁରୋଧର ଶେଷ କିସ୍ତି, ଯାହାକୁ ସୁଶ୍ରୀ ଓରାମ ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍. କାର୍ଯ୍ୟକ୍ରମ ଅଧୀନରେ ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ବକେୟା ବିଲ୍ ମାପ ଏବଂ ଅନୁମୋଦନ କରିବା ପାଇଁ ଦାବି କରିଥିଲେ। ୯,୫୦,୦୦୦ ଟଙ୍କା ଆନୁମାନିକ ଏହି ପ୍ରକଳ୍ପରେ ମୋଟ ୩.୧୫ ଲକ୍ଷ ଟଙ୍କା ବିଲ୍ ପୂର୍ବରୁ ପୈଠ ହୋଇସାରିଛି। ସୁଶ୍ରୀ ଓରାମ ବାକି ଇନଭଏସ୍ ପ୍ରକ୍ରିୟାକରଣ ପାଇଁ ପୈଠ ବିଲ୍ ପରିମାଣର ୧୦% କିକ୍ ବ୍ୟାକ୍ ଭାବରେ ମାଗିଥିବା ଜଣାପଡ଼ିଛି। ପୂର୍ବରୁ, ସେ ଠିକାଦାରଙ୍କଠାରୁ ୨୪,୦୦୦ ଟଙ୍କା ପାଇଥିଲେ ଏବଂ ବର୍ତ୍ତମାନ ବାକି ଥିବା ଦେୟକୁ ଚୂଡ଼ାନ୍ତ କରିବା ପାଇଁ ବାକି ୮,୦୦୦ ଟଙ୍କା ଖୋଜୁଛନ୍ତି। ଅନ୍ୟ ବିକଳ୍ପଗୁଡ଼ିକୁ ଶେଷ କରିବା ପରେ, ଠିକାଦାର ଦୁର୍ନୀତି ରିପୋର୍ଟ କରିବା ପାଇଁ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ପାଖକୁ ଯାଇଥିଲେ। ପରବର୍ତ୍ତୀ ସମୟରେ, ଅଧିକାରୀମାନେ ଶ୍ରୀମତୀ ଓରାମଙ୍କୁ ୮,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାର ଦେଖି ତାଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲେ। ତାଙ୍କ କବଜାରୁ ସମସ୍ତ ଲାଞ୍ଚ ରାଶି ଜବତ କରାଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି, ଶ୍ରୀମତୀ ଓରାମଙ୍କ ସହ ଜଡିତ ଦୁଇଟି ସ୍ଥାନରେ ଏକକାଳୀନ ତଲାସ କରାଯାଇଥିଲା, ଯାହା ତାଙ୍କର ସମ୍ଭାବ୍ୟ ଆୟ ବର୍ହିଭୂତ ସମ୍ପତ୍ତି ଉପରେ ଧ୍ୟାନ ଦେଇଥିଲା। ସମ୍ବଲପୁର ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୧୧, ତାରିଖ ୦୯.୦୬.୨୦୨୫, ପିସି (ସଂଶୋଧନ) ଆଇନ, ୨୦୧୮ର ଧାରା ୭ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି ଏବଂ ବର୍ତ୍ତମାନ ଶ୍ରୀମତୀ ଓରାମଙ୍କ ବିରୁଦ୍ଧରେ ତଦନ୍ତ ଚାଲିଛି। ଶ୍ରୀମତୀ ଓରାମ ଜାନୁଆରୀ ୧୦, ୨୦୨୪ରେ ବରଗଡ଼ରେ ଜିଲ୍ଲା ଗ୍ରାମୀଣ ବିକାଶ ସଂସ୍ଥା (ଡିଆର୍‌ଡିଏ) ଅଧୀନରେ କନିଷ୍ଠ ଯନ୍ତ୍ରୀ ଭାବରେ ତାଙ୍କର ସରକାରୀ ସେବା ଆରମ୍ଭ କରିଥିଲେ। ସେ ଜାନୁଆରୀ ୨୯, ୨୦୨୪ରେ ଗାଇସିଲେଟ୍ ବ୍ଲକରେ ପୋଷ୍ଟିଂ ଆରମ୍ଭ କରିଥିଲେ, ଯାହା ତାଙ୍କର ପ୍ରଥମ ନିଯୁକ୍ତି ଥିଲା।

# ରାଜ୍ୟ କୃଷକ ମୋର୍ଚ୍ଚା ସଭାପତିଙ୍କ ମୋଟେର ମଣ୍ଡି ପରିଦର୍ଶନ



ଧର୍ମଗଡ଼, (ଡ଼ିକେ ନ୍ୟୁଜ୍): ମଙ୍ଗଳବାର ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ କଳାହାଣ୍ଡି ଜିଲ୍ଲା ଗସ୍ତ ସମୟରେ କୋକସରା ବ୍ଲକ ମୋଟେର ଧାନ ମଣ୍ଡି ପରିଦର୍ଶନରେ ଆସି ମଣ୍ଡିର ଆନୁସଙ୍ଗିକ ବ୍ୟବସ୍ଥା ତଦାରଖ ସହ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ସହ ମଣ୍ଡିରେ ଧାନ ବିକ୍ରି ନେଇ ଆଲୋଚନା କରିଛନ୍ତି। ମଣ୍ଡିରେ ପହଞ୍ଚିବା ପରେ ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା ଓ ଦଳୀୟ କର୍ମକର୍ତ୍ତାମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମଣ୍ଡିରେ ପହଞ୍ଚି ଶ୍ରୀ ସାହୁ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ସହ ମଣ୍ଡିରେ ଧାନ ବିକ୍ରି ନେଇ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ। ମଣ୍ଡି ପରିଚାଳନାରେ ଥିବା ପେକ୍ସ ଓ ଆରଏମସି କର୍ମଚାରୀଙ୍କୁ ମଧ୍ୟ ଚାଷୀଙ୍କ ଧାନ ଠିକ ସମୟରେ କ୍ରୟ ଓ ଚାଷୀଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ କୃଷକ ମୋର୍ଚ୍ଚାଙ୍କ ଗସ୍ତ ସମୟରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ରାଜ୍ୟ ସଂଯୋଜକ ପୁଳିତା ପ୍ରକାଶ ପୁହାଣ, ରାଜ କିଶୋର ମେଣ୍ଡଲୀ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି କେଶରୀ ଦୁର୍ଗା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କୁନ୍ତୀ ପାଳ, ନେତ୍ରୀ ପ୍ରତିମା ପୁଝାରି, ଜିଲ୍ଲା ସଂଯୋଜକ ବିଭୁତି ପାଳ, ଆଦିବାସୀ ମୋର୍ଚ୍ଚା ଦକ୍ଷିଣ ଓଡ଼ିଶା ସଭାପତି ଗଙ୍ଗାରାମ ମାଝୀ, ବିଜେପି ବରିଷ୍ଠ ନେତା ତ୍ରିନାଥ ଶବର, ଅପ୍ରେସ ସ୍ୱାଇଁ, ଶେଷଦେବ ମୁଣ୍ଡ, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ଉପ ସଭାପତି ଦୈତାରି ବାରିକ, ମନୋଜ ନାଏକ, ମାଧବ ଝାଙ୍କର, ଆଦିତ୍ୟ ଦାସ, ଧର୍ମାନନ୍ଦ ନେଗି, କ୍ଷୀରସିନ୍ଧୁ ନେଗି, ଧବଳେଶ୍ୱର ଗୋପାଳ ସମେତ ଦଳୀୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଭଟଲିରେ ପ୍ରଥମଥର ପାଇଁ ରଥ ଉପରେ ଦଧିବାମନଙ୍କ ସୁନାବେଶ



ବରଗଡ଼, (ଡ଼ିକେ ନ୍ୟୁଜ୍): ବଡ଼ ଉତ୍ସାହର ସହିତ, ଭଟଲି ଧାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ରଥଯାତ୍ରା ଜୁନ୍ ୨୭ରେ ଆରମ୍ଭ ହେବାକୁ ଯାଉଛି। ଏହି ପବିତ୍ର ଯାତ୍ରା ପରେ, ବାହୁଡା ଯାତ୍ରା ଜୁଲାଇ ୫ରେ ଅନୁଷ୍ଠିତ ହେବ। ଯାହା ଜୁଲାଇ ୬ ରେ ରଥ ଉପରେ ମହାପ୍ରଭୂଙ୍କ ସୁନାବେଶର ଏକ ଗୁରୁତ୍ୱପୂର୍ଣ୍ଣ ଅବସର ଆଣିବ। ଯାହା ପବିତ୍ର ଆଷାଢ଼ ଶୁକ୍ଳ ପାଳଖ ଏକାଦଶୀ ତିଥିସହିତ ସମ୍ପୂର୍ଣ୍ଣ ସଂଗୀତ। ଜୁଲାଇ ୭ରେ ଅଧରପଣ ସମାରୋହ ସହିତ ପାଳନ ଜାରି ରହିଛି। ଯାହା ଜୁଲାଇ ୮ରେ ମହାପ୍ରଭୂଙ୍କ ନୀଳାଦ୍ରି ବିଜେ ଉତ୍ସବ ସହିତ ଶେଷ ହେବ। ଏହି ପବିତ୍ର କାର୍ଯ୍ୟକ୍ରମର ପ୍ରସ୍ତୁତି ପାଇଁ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ରଥଯାତ୍ରାର ସଫଳତା ସୁନିଶ୍ଚିତ କରିବା ପାଇଁ ଏକ ତୃତୀୟ ବୈଠକ ଡକାଯାଇଥିଲା। ଏହି ସମାବେଶ ସୋମବାର ସନ୍ଧ୍ୟାରେ ଭାଟଲି ବ୍ଲକ ସମ୍ମିଳନୀ କକ୍ଷରେ ବରଗଡ଼ର ଉପ-ଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ଅଂଶଗ୍ରହଣକାରୀମାନେ ଏକାଠି ଟ୍ରାଫିକ୍ ପରିଚାଳନା, ବିଦ୍ୟୁତ ଯୋଗାଣ, ଜଳ ଯୋଗାଣ ଏବଂ ପାର୍କିଂ ସୁବିଧା ସମେତ ପ୍ରମୁଖ ଲଜିଷ୍ଟିକ୍ ଦିଗଗୁଡ଼ିକ ଉପରେ ଆଲୋଚନା କରିଥିଲେ। ବଡ଼ଦାଣ୍ଡରେ ଦିନ ୧୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ବନ୍ଦ କରିବା ଏବଂ ଏକତା ଏବଂ ସହଯୋଗର ଭାବନା ବୃଦ୍ଧି କରିବା ପାଇଁ ଜବରଦଖଲ ହଟାଇବା ପାଇଁ ଏକ ପ୍ରତିଶ୍ରୁତିବଦ୍ଧତା ଗ୍ରହଣ କରାଯାଇଥିଲା। ରଥଯାତ୍ରା ପରିଚାଳନା କମିଟି ସଂଯୋଜକ, ତହସିଲଦାର ରାମକୃଷ୍ଣ ମିଶ୍ର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। ସମାବେଶରେ ସହାୟକ କଲେକ୍ଟର ମଦନ ଲାଲ ପଣ୍ଡା, ଭଟଲି ସମ୍ପ୍ରଦାୟ ବିକାଶ ଅଧିକାରୀ ପ୍ରମୋଦ ମେହେର, ରଥଯାତ୍ରା ପରିଚାଳନା କମିଟିର ଅଧ୍ୟକ୍ଷ ମୋତିଲାଲ ବନଚୋର, ନୂତନ ଟ୍ରଷ୍ଟ ବୋର୍ଡର ସମର୍ପିତ ସଦସ୍ୟ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ପଧାନ ଏବଂ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧି, ପୋଲିସ ଅଧିକାରୀ, ବିଦ୍ୟୁତ ବିଭାଗର କର୍ମଚାରୀ ସ୍ୱାଧୀନ କୁମାର ସାହୁ, ଅଗ୍ନିଶମ ବିଭାଗ ଅଧିକାରୀ ନିହାର ରଞ୍ଜନ ଜାଲ ଏବଂ ଅନେକ ପ୍ରେସ ସଦସ୍ୟ ସାମିଲ ଥିଲେ। ସେମାନଙ୍କର ସକ୍ରିୟ ଯୋଗଦାନ ଏବଂ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ପରାମର୍ଶ ରଥଯାତ୍ରାକୁ ଆଗକୁ ନେବା ଏବଂ ଏହି ସମ୍ମାନଜନକ ପରମ୍ପରାକୁ ପାଳନ କରିବା ପାଇଁ ଏକ ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସମ୍ପନ୍ନ ହେଲା ସେନାପଟା...

ବାହାରିବା ପରେ ୯ଟା ୧୫ରେ ଦଇତାପତିମାନେ ସେନାପଟା ଲାଗିକୁ ପ୍ରବେଶ କରିଥିଲେ। ଅପରାହ୍ନ ୩ଟା ୪୫ରେ ଶେଷ ହୋଇଥିଲା ସେନାପଟା ଲାଗି। ମହାପ୍ରଭୁଙ୍କୁ ପହଣ୍ଡି କରି ନେବା ସମୟରେ ଶ୍ରୀଅଙ୍ଗର ସୁରକ୍ଷା ପାଇଁ ଏହି ନୀତି କରାଯାଇଥାଏ। ଏହା ଗୁପ୍ତନୀତି ହୋଇଥିବାରୁ ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ କେବଳ ଦଇତାପତି ସେବାୟତମାନେ ଏହି ସମ୍ପାଦନ କରଥିଲେ। ଶ୍ରୀଜିଉଙ୍କ ପହଣ୍ଡିକାଳୀନ ସୁରକ୍ଷା ପାଇଁ ସେନାପଟା ଓ ବାହୁଟ ଲାଗି ସେବା ପ୍ରଚଳିତ ରହିଛି। ବଉଳ କାଠରୁ ପ୍ରସ୍ତୁତ ସେନାପଟାକୁ ଶ୍ରୀଜିଉଙ୍କ ଶ୍ରୀଅଙ୍ଗରେ ଲଗାଯାଇଥାଏ। ପରେ ପାଟ କପଡ଼ାରେ ଶ୍ରୀଜିଉଙ୍କ ସମଗ୍ର ଶ୍ରୀଅଙ୍ଗକୁ ଆବୃତ କରିଦିଆଯାଏ। ଏହାଦ୍ୱାରା ମହାପ୍ରଭୂ ଶ୍ରୀମନ୍ଦିରରୁ ବାହାରିବା ବେଳେ ଶ୍ରୀଅଙ୍ଗ ସୁରକ୍ଷିତ ରହିଥାଏ। ସାକ୍ଷୀଗୋପାଳର ବକୁଳ ବନରୁ ସଂଗୃହିତ ବଉଳକାଠ ଚିରଟ କରାଯାଇ ସେଥିରେ ଶ୍ରୀମନ୍ଦିର ବିଶ୍ୱକର୍ମା ସେବାୟତ ବାହୁଟ ଓ ସେନାପଟା ପ୍ରସ୍ତୁତ କରଥାନ୍ତି।

### 'ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି...

ସେବା କରିବା ପାଇଁ ଆମକୁ ପ୍ରେରଣା ଦେବେ। ତାଙ୍କର ଏହି ଅକୁଣ୍ଠ ସମର୍ଥନ ଏବଂ ନିରନ୍ତର ସହଯୋଗ ଓ ମାର୍ଗଦର୍ଶନ ପାଇଁ ମୁଁ ଏହି ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କୁ ହୃଦୟରୁ ଧନ୍ୟବାଦ ପ୍ରଦାନ କରୁଛି। ଗତ ବର୍ଷ ଜୁନ ୧୨, ୨୦୨୪ ସନ୍ଧ୍ୟାରେ ପ୍ରଥମ କ୍ୟାବିନେଟରେ ନିଆ ଯାଇଥିବା ଚାରିଗୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଯେପରିକି ସୁଭଦ୍ରା ଯୋଜନା, ଧାନକିଣା ବାବଦକୁ ଅଧିକ ୮୦୦ ଟଙ୍କା ପ୍ରଦାନ, ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲିବା ଏବଂ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରିବାରୁ ଆରମ୍ଭ ହୋଇଥିଲା। ଏହି ଉଦ୍ୟମ ଗତ ୧୨ ମାସରେ ନିରନ୍ତର ଭାବେ ଜାରି ରହିଛି ଏବଂ ଆମେ ପ୍ରାୟ ସବୁ ମୁଖ୍ୟ ପ୍ରତିଶ୍ରୁତି ପୂରଣ କରିବାରେ ସମର୍ଥ ହୋଇଛୁ। ମହିଳା ସଶକ୍ତିକରଣ ଦିଗରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟିକରି ଭାରତ ବର୍ଷରେ ପ୍ରଥମ ହେବା, କୃଷି କ୍ଷେତ୍ରରେ ସମୃଦ୍ଧ କୃଷି ଯୋଜନା ସହିତ ରେକର୍ଡ ୩୭ ହଜାର ୮୩୮ କୋଟି ଟଙ୍କାର ପ୍ରାବଧାନ, ଶିକ୍ଷା କ୍ଷେତ୍ରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ତଥା ନୂତନ ଶିକ୍ଷା ନୀତିକୁ ଲାଗୁ କରିବା ଏବଂ ଏଥିରେ ଶିଶୁ ବାଟିକାକୁ ଲାଗୁ କରିବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ କରିବା, ଭିତ୍ତିଭୂମି ପାଇଁ ରେକର୍ଡ ୬୫,୧୦୨ କୋଟି ଟଙ୍କାର ପ୍ରାବଧାନ, ଜନଜାତି ଏବଂ ଅନୁସୂଚିତ ଜାତି କଲ୍ୟାଣ ପାଇଁ ୬୮ ହଜାର ୮୮୧ କୋଟି ଟଙ୍କା ପ୍ରାବଧାନ ଆମ ସରକାରଙ୍କ ନୀତି ଓ ନିୟତକୁ ଦର୍ଶାଉଛି। ସବୁଠାରୁ ଉଲ୍ଲେଖନୀୟ ହେଉଛି, ଲୋକଙ୍କୁ ସୁଶାସନ ଦେବା ଏବଂ ଦୁର୍ନୀତି ବିରୁଦ୍ଧରେ ଲଢେଇ କରିବା। ଆଜି ପିଅନ ଠାରୁ ଆରମ୍ଭ କରି ଆଇଏଏସ୍ ପର୍ଯ୍ୟନ୍ତ କୌଣସି ଦୁର୍ନୀତିଗ୍ରସ୍ତ ଅଫିସର ସୁରକ୍ଷିତ ନୁହନ୍ତି। ଯଦି ଦୁର୍ନୀତି କରିବ, ଜେଲ ଯିବାକୁ ପଡିବ, ଦ୍ୱିତୀୟ ବିକଳ୍ପ ନାହିଁ। ସାଧାରଣ ଜନତା ଏବଂ ଲୋକଙ୍କ ମଧ୍ୟରେ ଥିବା କୃତ୍ରିମ ପ୍ରାଚୀରକୁ ଆମ ସରକାର ଧୂଳିସାତ କରି ଦେଇଛି। ଆଜି ଯେ କୌଣସି ଲୋକ ସେମାନଙ୍କ ମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରୀମାନଙ୍କୁ ଅବାଧରେ ଭେଟି ପାରୁଛନ୍ତି। ଗତ ଏକ ବର୍ଷ ମଧ୍ୟରେ ମୁଁ ଓଡିଶାର ପ୍ରତି ଜିଲ୍ଲାକୁ ଗସ୍ତ କରି ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରତ୍ୟେକ୍ଷ ଭାବେ ଭେଟି ସେମାନଙ୍କ ସମସ୍ୟା ଶୁଣିଛି, ସୁଖଦୁଃଖରେ ସାମିଲ ହୋଇଛି। ଆଜି 'ତୃତୀୟ ମହଲା' ଲୋକଙ୍କ ଦୁଆର ମୁହାଁକୁ ଯାଉଛି, ଏହା ହେଉଛି ଆମ ସୁଶାସନର ଏକ ନୂତନ ଦିଗ। ଆମେ ପ୍ରଥମ କ୍ୟାବିନେଟରେ ପ୍ରମାଣିତ କରିଛୁ ଯେ ଜନସେବା ପାଇଁ ୨୪ ବର୍ଷ ଶାସନର ଆବଶ୍ୟକ ନାହିଁ, ୨୪ ମିନିଟରେ ବି ଅନେକ କିଛି କରିହେବ। ଇଚ୍ଛା ଶକ୍ତି ଥିବା ଦରକାରୟ ପ୍ରଧାନମନ୍ତ୍ରୀଙ୍କ ମନ୍ତ୍ର, 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ'କୁ ପାଥେୟ କରି ଚାରିଗୋଟି ଜାତି ଯେପରିକି, 'ଗରିବ, ଅନ୍ନଦାତା, ଯୁବା ଏବଂ ମହିଳା' ପାଇଁ ଆମେ ନିରନ୍ତର କାର୍ଯ୍ୟ କରିବୁ। ୨୦୨୬ ସୁଦ୍ଧା ଆମେ ରାଜ୍ୟର ୯୦ ପ୍ରତିଶତ ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ଉଦ୍ୟମ ଆରମ୍ଭ କରିଛୁ। ଏଥିସହିତ ୫ ଲକ୍ଷ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଗାଇଦେବୁ। ଏକ ବର୍ଷ ମଧ୍ୟରେ ସରକାରୀସ୍ତରରେ ପ୍ରାୟ ୨୮ ହଜାର ନିଯୁକ୍ତି ଦେଇଛୁ। ଚଳିତ ବର୍ଷ ଆହୁରି ୪୦ ହଜାର ନିଯୁକ୍ତି ଦେବୁ। ଭିତ୍ତିଭୂମି କ୍ଷେତ୍ରରେ ରେଳ, ଜାତୀୟ ରାଜପଥ ଏବଂ ବିମାନ ସେବା ସବୁଥିରେ ଉନ୍ନତି ଆସିଛି। ୨୦୩୬ ସୁଦ୍ଧା ନିଶ୍ଚିତ ଭାବେ ଓଡିଶା ଦେଶର ସର୍ବଶ୍ରେଷ୍ଠ ପାଞ୍ଚଗୋଟି ରାଜ୍ୟରେ ସ୍ଥାନ ପାଇବ ଏବଂ ଆମେ ଓଡିଶାକୁ ଏକ ୫୦୦ ନିୟତ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବୁ। ୨୦୩୬ ସୁଦ୍ଧା ଓଡିଶା ହେବ ସମୃଦ୍ଧ ଓଡିଶା ଏବଂ ୨୦୪୭ ସୁଦ୍ଧା ମାନନୀୟ ମୋଦିଜୀଙ୍କ ପରିକଳ୍ପିତ ବିକଶିତ ଭାରତ ଗଢିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଓଡିଶା ଯେପରି ସବୁ ରାଜ୍ୟମାନଙ୍କ ପାଇଁ ଆଦର୍ଶ ହେବ ସେଥିପାଇଁ ଆମେ ପରିଶ୍ରମ କରିଚାଲିଛୁ। ସେ ପରିଶ୍ରମର ସୁଫଳ ମିଳିବା ଆରମ୍ଭ କରିଛି। ଓଡିଶା ଧିରେ ଧିରେ ଅନ୍ୟ ରାଜ୍ୟମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରି ଚାଲିଛି। ଗୁଡ୍ ଗଭର୍ଣ୍ଣାସ୍‌ରେ ଓଡିଶା ଏବେ ସାରା ଦେଶରେ ଏକ ମଡେଲ୍। ଗୋଟିଏ ବର୍ଷରେ ଆମେ ଅନେକ ସଫଳତା ପାଇଛୁ। 'ବର୍ଷ ଏକ, ସଫଳତା ଅନେକ' ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

### ବଙ୍ଗୋପସାଗରରେ...

ସ୍ପଷ୍ଟ ହୋଇନାହିଁ। ଗତ କିଛିଦିନ ଧରି ରାଜ୍ୟରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଦିନରେ ଉଚ୍ଚ ତାପମାତ୍ରା ସାଙ୍ଗକୁ ଗୁଳୁଗୁଳି ଅଣାୟତ୍ତ ପରିସ୍ଥିତି ସୃଷ୍ଟି କରୁଛି। ହେଲେ ଅପରାହ୍ନରେ କିଛି ଜିଲ୍ଲାର କେତେକ ସ୍ଥାନରେ ବର୍ଷା ସାମୟିକ ଆଶ୍ୱସ୍ତି ପ୍ରଦାନ କରୁଛି। ତେବେ ବୁଧବାର ୧୪ ଜିଲ୍ଲାରେ ଘଡ଼ଘଡ଼ି ଓ ବିଜୁଳି ସାଙ୍ଗକୁ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### ସ୍କୁଲରେ ଆଖି ବୁଜା...

ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରିଛି ଯେ, ସ୍କୁଲକୁ ଖାଲି କରିଦିଆ ଯାଇଛି ଏବଂ ସମସ୍ତଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେ ଆହୁରି କହିଛନ୍ତି ଯେ, ପରିସ୍ଥିତି ନିୟନ୍ତ୍ରଣରେ ଅଛି ଏବଂ ବର୍ତ୍ତମାନ କୌଣସି ବିପଦ ନାହିଁ। ଅଷ୍ଟ୍ରିଆର ଗ୍ରାଜ୍ ସହର ଦେଶର ଦକ୍ଷିଣ-ପୂର୍ବରେ ଅବସ୍ଥିତ ଏବଂ ଏହାର ଜନସଂଖ୍ୟା ପ୍ରାୟ ୩ ଲକ୍ଷ। ରିପୋର୍ଟ ଅନୁଯାୟୀ, ଗ୍ରାଜ୍ ସହରର ମେୟର କହିଛନ୍ତି ଯେ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ୯ ଜଣ ଛାତ୍ର, ଜଣେ ସ୍କୁଲ କର୍ମଚାରୀ ଏବଂ ଗୁଳି ଚଳାଇଥିବା ଜଣେ ଅପରାଧୀ ଅଛନ୍ତି। ସ୍କୁଲ ଗୁଳିକାଣ୍ଡର ତଦନ୍ତ ଦାୟିତ୍ୱ ସ୍ପେଶାଲ୍ ଟାସ୍କ ଫୋର୍ସକୁ ଦିଆଯାଇଛି। ଅଷ୍ଟ୍ରିଆର ଗୃହମନ୍ତ୍ରୀ ମଧ୍ୟ ଗ୍ରାଜ୍ ସହର ଅଭିମୁଖେ ଯାଇଛନ୍ତି।

# ଘରେ କଳା କନା ବୁଲାଇ ସୁନା ଗହଣା ଓ ଟଙ୍କା ଲୁଟିଲେ ଦୁର୍ବୃତ୍ତ



କୋରାପୁଟ, (ଡ଼ିକେ ନ୍ୟୁଜ୍): କୋରାପୁଟ ଜିଲ୍ଲା ସେମିଲିଗୁଡା ନନ୍ଦପୁର ରୋଡସ୍ଥିତ କୁଶଳ ଆଶ୍ରମ କଲୋନୀର ଶତ୍ରୁଘନ ପ୍ରଧାନଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ବଡ ଧରଣର ଚୋରି ହୋଇଛି। ପରିବାର ଲୋକେ ସୁନାବେଡା ଥାନାରେ ଏତଲା ଦେଲା ପରେ ଅନୁଯାୟୀ ସୁନାବେଡା ପୋଲିସ ଏବଂ ସାଇଂନଟିପିକ ଟିମ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। କିଛି ଦିନ ହେବ ଶତ୍ରୁଘ୍ନ ପ୍ରଧାନ ଗାଁ ଯାଇ ଥିବା ବେଳେ ଏହାକୁ ସୁଯୋଗ ନେଇ ଦୁର୍ବୃତ୍ତ, ଗ୍ରିଲ କବାଟ ଓ ଆଲମାରୀ ଭାଙ୍ଗି ନଗଦ ୧୦ ଲକ୍ଷ ଓ ସୁନା ଗହଣା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ ଶତ୍ରୁଘ ପ୍ରଧାନଙ୍କ ପୁଅ ମାଲକାନଗିରି ଜିଲ୍ଲା ବାଲିମେଳା ଓଡ଼ିଶା ହାଇଡ୍ରୋ ପାୱାର ପ୍ରୋଜେକ୍ଟରେ ଚାକିରି କରନ୍ତି। ସିଏଭି ସେ ଦିନ ଘରେ ଅନୁପସ୍ଥିତ ଥିଲେ। ଦିନକୁ ଦିନ ସେମିଲିଗୁଡା ସହରରେ ଚୋରି ବଢୁଛି। କିନ୍ତୁ ସୁନାବେଡା ପୋଲିସ ଚୋରଙ୍କୁ ଧରିବାରେ ସଫଳ ହେଇ ପାରୁ ନାହିଁ। ତେଣୁ ଅଞ୍ଚଳରେ ପେଟ୍ରୋଲିଙ୍ଗ କରିବା ସହ ଚୋରି ହୋଇଥିବା ପରିବାରର ସମସ୍ତ ଜିନିଷ ପୋଲିସ ଅତିଶୀଘ୍ର ଫେରାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜିତ




ନିଆଳି, (ଡ଼ିକେ ନ୍ୟୁଜ୍): ଓଡିଶା ସରକାର ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶ କ୍ରମେ କଟକ ଜିଲ୍ଲା ନିଆଳି ବ୍ଲକର ଏକ ଘରୋଇ ମଣ୍ଡପରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟ କ୍ରମରେ ନିଆଳି ବ୍ଲକର ୨୫୫୦ଟି ଏସଏଚଜି ଗ୍ରୁପ ମଧ୍ୟରୁ ୧୫ଜଣ ଆବେଦନ କରିଥିବା ବେଳେ ୧୩ଟି ଏସଏଚଜି ଗ୍ରୁପ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଗୋରଖ ନାଥ ଏସଏଚଜି ଗ୍ରୁପ୍ ବାହାରଣା, ଲକ୍ଷ୍ମୀ ନାରାୟଣ ଏସଏଚଜି ଗ୍ରୁପ୍ ପୂର୍ବଖଣ୍ଡ, ମା'କୃତାମ ଚଣ୍ଡୀ ଏସଏଚଜି ଗ୍ରୁପ୍ ନିଆଳି ପୂର୍ବଖଣ୍ଡ, ବିଶ୍ୱ କଲ୍ୟାଣୀ ଏସଏଚଜି ଗ୍ରୁପ୍ ଗାୟା ସାହି ନିଆଳି, ବାବା ବଟ ଗୋସାଇଁ ଏସଏଚଜି ଗ୍ରୁପ୍ ଶଗଡାଇଲୋ ଓ କନକ ଦୁର୍ଗା ଏସଏଚଜି ଗ୍ରୁପ୍ ଦେବିପାଟଣା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତି ଏସଏଚଜି ଗ୍ରୁପ୍‌ର ତିନିଜଣ ମହିଳା ନିଜ ନିଜର ଖାଦ୍ୟକୁ ପ୍ରସ୍ତୁତ କରିବା ସହିତ ବିଚାରକମାନଙ୍କ ଆଗରେ ଉପସ୍ଥାପନ କରିଥିଲେ। ବିଚାରକ ଭାବରେ ନିଆଳି ବିଧାୟକ ଛବି ମଲ୍ଲିକ, ମଣ୍ଡଳ ଉନ୍ନୟନ ଅଧିକାରୀ ଧର୍ମ ରଞ୍ଜନ ପଣ୍ଡା, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରିଣୀ ପଲ୍ଲବୀ ରାଉତ, ସିଡିପିଓ ସଂଯୁକ୍ତା ଘଡେଇ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମ୍ ରତନ ଭୂଇଁୟା, ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା ଯୋଗ ଦେଇ ସେମାନଙ୍କର ପ୍ରସ୍ତୁତ ଖାଦ୍ୟର ସ୍ୱାଦକୁ ପରଖି ସେମାନଙ୍କ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ବିଜେତା ଚୟନ କରିଥିଲେ। ପ୍ରଥମ ଭାବେ ଦଧିଭଦ୍ରା ଏସଏଚଜି ଗ୍ରୁପ୍ ଏରଞ୍ଚ ଓ ଦ୍ୱିତୀୟ ଭାବେ ମହାବୀର ଏସଏଚଜି ଗ୍ରୁପ୍ ବିଳାସୁଣିକୁ ଚୟନ କରାଯାଇ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯାଇଥିଲା।







# ଆଇସିସି ହଲ୍ ଅଫ୍ ଫେମରେ ମହେନ୍ଦ୍ର ସିଂହ ଧୋନୀ



ନୂଆଦିଲ୍ଲୀ, ୧୦।୬ (ହି.ସ): କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀଙ୍କୁ ଆଇସିସି ହଲ୍ ଅଫ୍ ଫେମରେ ସାମିଲ କରିଛି। ମହେନ୍ଦ୍ର ସିଂହ ଧୋନୀ ଆଇସିସି ହଲ୍ ଅଫ୍ ଫେମରେ ସାମିଲ ହେବାରେ ୧୧ତମ ଭାରତୀୟ କ୍ରିକେଟର। ଧୋନୀଙ୍କ ପୂର୍ବରୁ ବିଶନ ସିଂହ ବେଦୀ, କପିଲ ଦେବ, ସୁନୀଲ ଗାଭାସ୍କର, ଅନିଲ କୁମ୍ବଲେ, ସଚିନ ତେନ୍ଦୁଲକର, ଭିନୁ ମଙ୍କଡ, ବୀରେନ୍ଦ୍ର ସେହୱାଗ, ରାହୁଲ ଦ୍ରାବିଡ, ନୀତୁ ଡେଭିଡ୍ ଏବଂ ଡାଏନା ଏଡୁଲଜିଙ୍କୁ ଆଇସିସି ହଲ୍ ଅଫ୍ ଫେମରେ ସାମିଲ କରାଯାଇଛି। ମହେନ୍ଦ୍ର ସିଂହ ଧୋନୀଙ୍କ ଅଧିନାୟକତ୍ୱରେ, ଟିମ୍ ଇଣ୍ଡିଆ ତିନୋଟି ଆଇସିସି ଟ୍ରଫି ଜିତିଥିଲା। ଅଧିନାୟକ ଭାବରେ ଧୋନୀ ୨୦୦୭ ଟି-୨୦ ବିଶ୍ୱକପ୍, ୨୦୧୧ ଦିନିକିଆ ବିଶ୍ୱକପ୍ ଏବଂ ୨୦୧୩ ଚାମ୍ପିଅନ୍ସ ଟ୍ରଫି ଜିତିଥିଲେ। ସେ ବିଶ୍ୱର ପ୍ରଥମ ଅଧିନାୟକ ଯିଏ ତିନୋଟି ଭିନ୍ନ ଆଇସିସି ଟ୍ରଫି ଜିତିଥିଲେ। ଧୋନୀ କେବଳ ଭାରତରେ ନୁହେଁ ବରଂ ବିଶ୍ୱର ସବୁଠାରୁ ସଫଳ ଅଧିନାୟକଙ୍କ ମଧ୍ୟରେ ଅନ୍ୟତମ। ଆଇସିସି ହଲ୍ ଅଫ୍ ଫେମରେ ସାମିଲ ହେବା ପରେ, ପୂର୍ବତନ ଭାରତୀୟ ଅଧିନାୟକ ଧୋନୀ କହିଛନ୍ତି ଯେ, ଏହି ସମ୍ମାନ ସର୍ବଦା ତାଙ୍କ ସହିତ ରହିବ। ଆଇସିସି ହଲ୍ ଅଫ୍ ଫେମରେ ସାମିଲ ହେବା ଏକ ସମ୍ମାନର ବିଷୟ, ଯାହା ବିଭିନ୍ନ ପିଢ଼ି ଏବଂ ବିଶ୍ୱର କ୍ରିକେଟରଙ୍କ ଅବଦାନକୁ ସ୍ୱୀକୃତି ଦିଏ। ଧୋନୀ ଭାରତ ପାଇଁ ୩୫୦ଟି ଦିନିକିଆ ଖେଳି ୫୦.୫୭ ହାରରେ ୧୦୭୭୩ ରନ କରିଛନ୍ତି। ଏହି ସମୟ ମଧ୍ୟରେ ସେ ୧୦ଟି ଶତକ ଏବଂ ୭୩ଟି ଅର୍ଦ୍ଧଶତକ ମଧ୍ୟ କରିଛନ୍ତି। ସେ ୯୦ଟି ଟେଷ୍ଟ ମ୍ୟାଚ ମଧ୍ୟ ଖେଳିଥିଲେ। ସେ ୬ଟି ଶତକ ସହିତ ଟେଷ୍ଟରେ ୪୮୭୬ ରନ କରିଛନ୍ତି। ସେ ୨୦୧୯ ବିଶ୍ୱକପ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ ଏବଂ ଅଗଷ୍ଟ ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିଲେ। ଧୋନୀଙ୍କ ବ୍ୟତୀତ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ବ୍ୟାଟର ମାଥ୍ୟୁ ହେଡେନ୍, ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ଡାନିଏଲ୍ ଭିଟୋରି, ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର ହାସିମ୍ ଆମଲା ଏବଂ ଗ୍ରେମ ସ୍ମିଥ୍ ମଧ୍ୟ ଆଇସିସି ହଲ୍ ଅଫ୍ ଫେମରେ ସାମିଲ ହୋଇଛନ୍ତି। ଏହି ବର୍ଷ ମୋଟ ପାଞ୍ଚ ଜଣ ପୁରୁଷ ଏବଂ ଦୁଇ ଜଣ ମହିଳା କ୍ରିକେଟରଙ୍କୁ ଏହି ମର୍ଯ୍ୟାଦାଜନକ ତାଲିକାରେ ସାମିଲ କରାଯାଇଛି। ଏହି ପାଞ୍ଚ ଜଣ ପୁରୁଷ କ୍ରିକେଟରଙ୍କ ବ୍ୟତୀତ, ଇଂଲଣ୍ଡର କିମ୍ବଦନ୍ତୀ ସାରା ଟେଲର ଏବଂ ପାକିସ୍ତାନର ସାନା ମିର ମଧ୍ୟ ଆଇସିସି ହଲ୍ ଅଫ୍ ଫେମରେ ସାମିଲ ହୋଇଛନ୍ତି। ଆଇସିସି ହଲ୍ ଅଫ୍ ଫେମ୍ କ୍ରିକେଟର ମହାନ ଖେଳାଳିଙ୍କ ସଫଳତାକୁ ସ୍ୱୀକୃତି ଦିଏ। ଏହା ୨୦୦୯ ମସିହାରେ ଆରମ୍ଭ ହୋଇଥିଲା। ସେବେଠାରୁ ୧୨୨ ଜଣ ଖେଳାଳିଙ୍କୁ ଏଥିରେ ସାମିଲ କରାଯାଇଛି।

# ରୋହିତ-ବିରାଟ ଯିବା ପରେ ପୁରୁଣା ଜାଗାକୁ ଫେରିଲେ ଇରଫାନ



ନୂଆଦିଲ୍ଲୀ, ୧୦।୬ (ହି.ସ): ଭାରତର ପ୍ରସିଦ୍ଧ କ୍ରିକେଟର ଇରଫାନ ପଠାନ କ୍ରିକେଟରୁ ଅବସର ନେବା ପରେ କମେଣ୍ଟ୍ରି ପ୍ୟାନେଲରେ ତାଙ୍କର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲେ। ପ୍ରଶଂସକମାନେ ମଧ୍ୟ ତାଙ୍କ ଶୈଳୀକୁ ବହୁତ ପସନ୍ଦ କରନ୍ତି। ତଥାପି, ସେ ସଦ୍ୟ ସମାପ୍ତ ଆଇପିଏଲ ୨୦୨୫ରେ କମେଣ୍ଟ୍ରି ପ୍ୟାନେଲର ଅଂଶ ନଥିଲେ। ରିପୋର୍ଟ ଅନୁଯାୟୀ, କେତେଜଣ ଖେଳାଳିଙ୍କ ବିରୋଧରେ ବ୍ୟକ୍ତିଗତ ଏଜେଣ୍ଡା ଚଳାଇବା ଯୋଗୁ ତାଙ୍କୁ ପ୍ରସାରଣ ଦଳରୁ ବାହାର କରାଯାଇଥିଲା। ଆଗାମୀ ଭାରତ ବନାମ ଇଂଲଣ୍ଡ ସିରିଜରେ, ଏହି ଅଭିଜ୍ଞ ଖେଳାଳି ପୁଣି ଥରେ କମେଣ୍ଟ୍ରିକୁ ଫେରିବାର ଦେଖାଯିବ। ତାଙ୍କ ନାମ ପୁଣି ଥରେ କମେଣ୍ଟ୍ରି ପ୍ୟାନେଲରେ ସାମିଲ କରାଯାଇଛି। ଗତ କିଛି ବର୍ଷ ଧରି କମେଣ୍ଟ୍ରିରେ ନିରନ୍ତର ଏକ ଛାପ ସୃଷ୍ଟି କରୁଥିବା ଇରଫାନ ପଠାନ ୨୦୨୩ ଦିନିକିଆ ଏବଂ ୨୦୨୪ ଟି-୨୦ ବିଶ୍ୱକପ ଭଳି ବଡ଼ ଟୁର୍ଣ୍ଣାମେଣ୍ଟକୁ କଭର କରିଥିଲେ। ଏହା ବ୍ୟତୀତ, ସେ ଆଇପିଏଲ୍‌ରେ ମଧ୍ୟ ତାଙ୍କ ସ୍ୱରର ଯାଦୁ ବିସ୍ତାର କରିଛନ୍ତି। କିନ୍ତୁ, ସାମ୍ପ୍ରତିକ ସିଜନରେ, ତାଙ୍କୁ ବିବାଦୀୟ ଭାବରେ କମେଣ୍ଟ୍ରି ପ୍ୟାନେଲରେ ସାମିଲ କରାଯାଇ ନଥିଲା। ବର୍ତ୍ତମାନ ଏହି ୪୦ ବର୍ଷୀୟ କ୍ରିକେଟର ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜରେ ପୁଣି ଏହି ଭୂମିକାରେ ଦେଖିବାକୁ ମିଳିବେ। ଏହି ସିରିଜର ଟିଭି ଅଧିକାର ଥିବା ସୋନି ନେଟୱାର୍କ କମେଣ୍ଟ୍ରି ଦଳ ଘୋଷଣା କରିଛି। ହିନ୍ଦୀ କମେଣ୍ଟ୍ରି ପ୍ୟାନେଲରେ ଇରଫାନ ପଠାନଙ୍କ ନାମ ମଧ୍ୟ ସାମିଲ ଅଛି। ୨୦୨୫ ଆଇପିଏଲରେ ଇରଫାନ ପଠାନଙ୍କୁ କମେଣ୍ଟ୍ରିରୁ ହଟାଇ ଦିଆଯିବା ନେଇ ଗଣମାଧ୍ୟମରେ ଅନେକ ରିପୋର୍ଟ ପ୍ରକାଶ ପାଇଥିଲା। ରିପୋର୍ଟ ଅନୁଯାୟୀ, ଇରଫାନ ଅନ-ଏୟାର କମେଣ୍ଟ୍ରି ସମୟରେ ଏବଂ ସୋସିଆଲ ମିଡିଆ ମାଧ୍ୟମରେ କେତେଜଣ ଖେଳାଳିଙ୍କ ବିରୋଧରେ ବ୍ୟକ୍ତିଗତ ଏଜେଣ୍ଡା ଚଳାଉଥିଲେ। ପ୍ରସାରକମାନେ ଏଥିରେ ଅସନ୍ତୁଷ୍ଟ ଥିଲେ। ସେହି ସମୟରେ, କିଛି ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଥିଲା ଯେ ପଠାନ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର ଗାଭାସ୍କର ଟ୍ରଫି ସିରିଜରେ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ କଡ଼ା ସମାଲୋଚନା କରିଥିଲେ। ଏହି କାରଣରୁ, ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସିଜିନରେ ଷ୍ଟାର ସ୍ପୋର୍ଟସ ଏବଂ ଜିଓ ହଟଷ୍ଟାର ତାଙ୍କୁ କମେଣ୍ଟ୍ରି ପ୍ୟାନେଲରୁ ହଟାଇ ଦେଇଥିଲେ। ଏହା ପରେ ଇରଫାନ ପଠାନ ତାଙ୍କର ୟୁଟ୍ୟୁବ ଚ୍ୟାନେଲ ଆରମ୍ଭ କରିଥିଲେ।

# ମସ୍କୋ ଉସୁ ଷ୍ଟାର ଅନ୍ତର୍ଜାତୀୟ ଚାମ୍ପିଅନସିପରେ ଭାରତ ପାଇଁ ସ୍ୱର୍ଣ୍ଣ ଆଣିଲେ ଜିନ୍ଦଲ ସ୍ପୋର୍ଟ ହଷ୍ଟେଲ କ୍ରୀଡ଼ାବିତ




ଭୁବନେଶ୍ୱର, ୧୦।୬ (ଡିକେ ନ୍ୟୁଜ୍): ମସ୍କୋ ଉସୁ ଷ୍ଟାର ଅନ୍ତର୍ଜାତୀୟ ଚାମ୍ପିଅନସିପରେ ଦେଶ ପାଇଁ ଗୌରବ ଆଣିଛନ୍ତି ବଡବିଲସ୍ଥିତ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଦୁଇ କ୍ରୀଡ଼ାବିତ ପ୍ରେମ ମୁଣ୍ଡା ଓ ରାଜକୁମାର ମୁଣ୍ଡା। ସିନିଅର ପୁରୁଷ ୪୮ କେଜି ଓ ୫୨ କେଜି ବର୍ଗରେ ପ୍ରେମ ଓ ରାଜକୁମାର ଅତି ଚମତ୍କାର କୌଶଳ ପ୍ରଦର୍ଶନ କରିବା ସହ ଆୟୋଜକ ରୁଷର ଶୀର୍ଷସ୍ତରୀୟ ପ୍ରତିଯୋଗୀଙ୍କୁ ହରାଇ ଏହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେମାନଙ୍କ ଏହି ବିଜୟ ଓଡ଼ିଶା ଓ ଭାରତୀୟ ଉସୁ କ୍ରୀଡ଼ା ପାଇଁ ବିଶ୍ୱସ୍ତରରେ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି। ଶାଲୁ ଜିନ୍ଦଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ପରିଚାଳିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପ୍ରୋତ୍ସାହନରେ ଏହି ହଷ୍ଟେଲ ପ୍ରତିଷ୍ଠିତ ହୋଇଛି। ଏହି ସଫଳତାରେ କୁରୁକ୍ଷେତ୍ର ସାଂସଦ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଏହା ଆମ ପାଇଁ ଅତ୍ୟନ୍ତ ଗୌରବର ମୁହୂର୍ତ୍ତ। ପ୍ରେମ ଓ ରାଜକୁମାରଙ୍କ ସଫଳତା କେବଳ ଭାରତୀୟ କ୍ରୀଡ଼ାର ଏକ ବିଜୟ ନୁହେଁ ବରଂ ସମସ୍ତଙ୍କୁ ସମାନ ସୁଯୋଗର ସାମର୍ଥ୍ୟ ଓ ଦୃଢ଼ ସଂକଳ୍ପର ସାର୍ଥକ ନିଦର୍ଶନ। ମୁଁ ସେମାନଙ୍କୁ ସମ୍ମାନ ଜଣାଇବା ସହ ଗ୍ରାମୀଣ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାର ପ୍ରତିଶ୍ରୁତିବଦ୍ଧତା ପାଇଁ ଜିନ୍ଦଲ ଫାଉଣ୍ଡେସନର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଏକ ଗ୍ରାମୀଣ ଅଞ୍ଚଳରୁ ବିଶ୍ୱ ଦରବାର ଯାଏ ସେମାନଙ୍କ ଯାତ୍ରା ନିଶ୍ଚିତ ଭାବେ ପ୍ରେରଣାଦାୟୀ। ଜିନ୍ଦଲ ଫାଉଣ୍ଡେସନ ଜରିଆରେ ଏବଂ ସାମଗ୍ରିକ ସହଯୋଗରେ ଆମେ ସେମାନଙ୍କ ସ୍ୱପ୍ନର ସଫଳତା ପାଇଁ ଉଦ୍ୟମ କରୁ। ଏହି ସ୍ୱର୍ଣ୍ଣ ପଦକ ସେମାନଙ୍କ ଉତ୍ସାହ ଓ ତଥା ଆମ କ୍ରୀଡ଼ା ବିକାଶ ପଦକ୍ଷେପ ଜରିଆରେ ରୂପାନ୍ତରଣ ପ୍ରତି ଏକ ସମ୍ମାନ। ୨୦୧୨ରେ କେନ୍ଦୁଝର ଜିଲ୍ଲା ଦେଓଝରରେ ଜିନ୍ଦଲ ଫାଉଣ୍ଡେସନ ସିଏସଆର କାର୍ଯ୍ୟକ୍ରମ ଆରମ୍ଭ କରିବା ପରଠାରୁ ସେମାନଙ୍କ ଯାତ୍ରା ଆରମ୍ଭ ହୋଇଥିଲା। ଜିନ୍ଦଲ ସ୍ପୋର୍ଟ ହଷ୍ଟେଲ ଜରିଆରେ ଓ କୋଚ୍ ପଙ୍କଜ ମହାନ୍ତଙ୍କ ନେତୃତ୍ୱରେ ସେମାନଙ୍କ ପୋଷଣ, ତାଲିମ ଓ ଶିକ୍ଷା ଆରମ୍ଭ ହୋଇଥିଲା। ଗତ ଡେରାଡୁନ ଅନ୍ତର୍ଜାତୀୟ କ୍ୟାମ୍ପରେ ଶ୍ରେଷ୍ଠ ପ୍ରଦର୍ଶନ ଦ୍ୱାରା ସେମାନେ ଅନ୍ତର୍ଜାତୀୟ ଚାମ୍ପିଅନସିପ୍ ପାଇଁ ମନୋନୀତ ହୋଇଥିଲେ। ଜିନ୍ଦଲ ଫାଉଣ୍ଡେସନ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ପ୍ରେମ ଓ ରାଜକୁମାରଙ୍କ ସମେତ ଶ୍ୱେତା ରାଣୀ, ବବଲୁ, ମଞ୍ଜୁ ମୁଣ୍ଡା ମଧ୍ୟ ପ୍ରଶିକ୍ଷିତ ହୋଇ ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଉଣ୍ଡେସନ ପକ୍ଷରୁ ଦେଶର ୩୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ମହିଳା ଓ ପୁରୁଷ ହକି, ମହିଳା ଓ ପୁରୁଷ ଫୁଟବଲ, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଛି।

# ଅନ୍ତର୍ଜାତୀୟ କ୍ରିକେଟରୁ ନିକୋଲସ ପୂରନଙ୍କ ଅବସର




ନୂଆଦିଲ୍ଲୀ, ୧୦।୬ (ହି.ସ): ଟି-୨୦ କ୍ରିକେଟରେ ଅନ୍ୟତମ ବିସ୍ଫୋରକ ବ୍ୟାଟର ତଥା ୱେଷ୍ଟଇଣ୍ଡିଜର ଷ୍ଟାର କ୍ରିକେଟର ନିକୋଲସ ପୂରନ ସମସ୍ତଙ୍କୁ ଚକିତ କରିବା ଭଳି ପଦକ୍ଷେପ ନେଇଛନ୍ତି। ମାତ୍ର ୨୯ ବର୍ଷ ବୟସରେ ସେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଛନ୍ତି। ଏହାର ଅର୍ଥ ୱେଷ୍ଟଇଣ୍ଡିଜ ପାଇଁ ପୂରନଙ୍କୁ କ୍ରିକେଟର ୩ଟି ଯାକ ଫର୍ମାଟରେ ଆଉ ଦେଖିବାକୁ ମିଳିବ ନାହିଁ। ପୂରନଙ୍କ ଏହି ଅପ୍ରତ୍ୟାଶିତ ଅବସର ପୂର୍ବରୁ ଦକ୍ଷିଣ ଆଫ୍ରିକାର ୱିକେଟ କିପର ବ୍ୟାଟର ହେନରିଚ କ୍ଲାସେନ ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିଲେ। ଉଭୟ କ୍ରିକେଟର ଅନ୍ତର୍ଜାତୀୟ କ୍ରିକେଟକୁ ଛାଡ଼ିଥିଲେ ହେଁ ଆଇପିଏଲ ସମେତ ବିଭିନ୍ନ ଫ୍ରାଞ୍ଚାଇଜ ଟି-୨୦ ଲିଗରେ ନଜର ଆସିବେ। ନିଜର ଅବସର ସମ୍ପର୍କରେ ପୂରନ କହିଛନ୍ତି, ଅନେକ କିଛି ବିଚାର ବିମର୍ଶ ଓ ଚିନ୍ତା କରିବା ପରେ ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଏହି ଖେଳ ମୋତେ ଅନେକ କିଛି ଦେଇଛି। ଆଗକୁ ମଧ୍ୟ ଅନେକ କିଛି ଦେବ। ଖୁସି ଠାରୁ ଆରମ୍ଭ କରି ଅନେକ ସ୍ମରଣୀୟ ମୁହୂର୍ତ୍ତ ମୋ ପାଇଁ ରହିଛି। ଏହି ଖେଳ ମୋତେ ୱେଷ୍ଟଇଣ୍ଡିଜକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଇଥିଲା। ୨୯ ବର୍ଷୀୟ ପୂରଣ ୱେଷ୍ଟଇଣ୍ଡିଜ ପାଇଁ ସର୍ବାଧିକ ଟି-୨୦ ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି। ସେ ନିଜ ଦେଶ ପାଇଁ ୧୦୬ ମ୍ୟାଚରେ ୨୨୭୫ ରନ କରିଛନ୍ତି। ୨୦୧୬ରେ ପୂରନ ପାକିସ୍ତାନ ବିପକ୍ଷ ଟି-୨୦ରେ ନିଜର ଡେବ୍ୟୁ କରିଥିଲେ। ଏହାର ୩ ବର୍ଷ ପରେ ତାଙ୍କୁ ଇଂଲଣ୍ଡ ବିପକ୍ଷ ଦିନିକିଆରେ ସୁଯୋଗ ମିଳିଥିଲା। ୨୦୨୨ରେ ପୂରନଙ୍କୁ ୱେଷ୍ଟଇଣ୍ଡିଜର ଧଳା ବଲ କ୍ରିକେଟ ଟିମର ଅଧିନାୟକ କରାଯାଇଥିଲା। କିନ୍ତୁ ସେହି ବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହୋଇଥିବା ଟି-୨୦ ବିଶ୍ୱକପରେ ଇଣ୍ଡିଜ ଟିମ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଏଥିଯୋଗୁ ସେ କ୍ୟାପ୍ଟେନ ପଦ ଛାଡ଼ି ଦେଇଥିଲେ। ଶେଷଥର ପାଇଁ ତାଙ୍କୁ ୨୦୨୪ ଡିସେମ୍ବରରେ ୱେଷ୍ଟଇଣ୍ଡିଜ ପାଇଁ ଖେଳୁଥିବା ଦେଖା ଯାଇଥିଲା। ୨୦୨୪ରେ ସେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା (୧୭୦) ମାରିବାର ରେକର୍ଡ କରିଥିଲେ। ୨୦୨୫ ଆଇପିଏଲରେ ପୂରନ ଲକ୍ଷ୍ନୌ ସୁପର ଜାଏଣ୍ଟସ ପାଇଁ ୫ଟି ଅର୍ଦ୍ଧଶତକ ସହ ୫୨୪ ରନ କରିଥିଲେ। ତାଙ୍କ ଷ୍ଟ୍ରାଇକ ରେଟ ୧୯୬.୨୫ ରହିଥିଲା। ଆଶା କରାଯାଉଥିଲା ଯେ ୨୦୨୬ ଟି-୨୦ ବିଶ୍ୱକପରେ ପୂରନଙ୍କୁ ଇଣ୍ଡିଜ ଟିମରେ ଦେଖିବାକୁ ମିଳିବ। କିନ୍ତୁ ଏହା ପୂର୍ବରୁ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ଯାଇଛନ୍ତି। ଆଗକୁ ତାଙ୍କୁ ଏମଏଲସି ଓ ଦ ହଣ୍ଡ୍ରେଡ୍ ଭଳି ଫ୍ରାଞ୍ଚାଇଜ ଲିଗରେ ଦେଖିବାକୁ ମିଳିବ। ଆଇପିଏଲ ଓ ସିପିଏଲ ବ୍ୟତୀତ ପୂରନ ୟୁଏଇରେ ଅନୁଷ୍ଠିତ ହେଉଥିବା ଆଇଏଲ ଟି-୨୦ ମଧ୍ୟ ନିୟମିତ ଖେଳନ୍ତି। ଟି-୨୦ରେ ଇଣ୍ଡିଜ ପାଇଁ ୨୨୭୫ ରନ କରିଥିବା ପୂରନ ଦିନିକିଆରେ ମାତ୍ର ୧୯୮୩ ରନ କରିଥିଲେ।

# 'ଦ ଗ୍ରେଟ୍ ଇଣ୍ଡିଆନ କପିଲ ଶୋ'କୁ ଫେରିଲେ ସିଦ୍ଧୁ



ମୁମ୍ବାଇ, ୧୦।୬ (ହି.ସ): ବଲିଉଡର ଜଣାଶୁଣା କମେଡିଆନ୍ କପିଲ ଶର୍ମାଙ୍କ ଲୋକପ୍ରିୟ ଶୋ' ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ଶୋ' ଏହାର ତୃତୀୟ ସିଜିନ୍ ସହିତ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଆସୁଛି। ଏହି ସମୟରେ, ଶୋ'ର ନିର୍ମାତାମାନେ ଏକ ବଡ଼ ଘୋଷଣା କରିଛନ୍ତି। ପ୍ରକୃତରେ, ନବଜୋତ ସିଂହ ସିଦ୍ଧୁ ଏହି ନୂତନ ସିଜିନରେ 'ଶୋ'କୁ ଫେରି ଆସୁଛନ୍ତି। ଏହା ଉପରେ ସିଦ୍ଧୁ କହିଛନ୍ତି ଯେ, ତାଙ୍କୁ ଲାଗୁଛି ଯେ ସେ ପୁଣି ଥରେ ତାଙ୍କ ଘରକୁ ଫେରି ଆସୁଛନ୍ତି। ଶୋ'କୁ ଫେରିବା ବିଷୟରେ କଥା ହୋଇ ସିଦ୍ଧୁ କହିଛନ୍ତି କି,'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ଶୋ'କୁ ଆସିବା ମୋତେ ପୁଣି ଥରେ ଘରକୁ ଫେରିବା ଭଳି ଲାଗୁଛି। ଏହା ମୋ ପାଇଁ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଅବସର। ଆମେ ଲୋକଙ୍କ ସ୍ୱର ଶୁଣିଛୁ, ଆମର ଆଲୋଚନାକୁ ପସନ୍ଦ କରୁଥିବା ଅନେକ ପ୍ରଶଂସକ ଏବଂ ଶୁଭେଚ୍ଛୁ ଆମକୁ ଏକାଠି ଦେଖିବାକୁ ଚାହୁଁଥିଲେ। ମୁଁ ବହୁତ ଖୁସି ଯେ ନେଟଫ୍ଲିକ୍ସ ଏତେ ଭଲ ଲୋକଙ୍କୁ ଏକାଠି କରୁଛି ଏବଂ ଏହି ସିଜିନରେ ଆମେ ଦର୍ଶକଙ୍କ ପାଇଁ ବହୁତ ଭଲ ପ୍ରଦର୍ଶନ କରିବୁ। ସେ ଆହୁରି କହିଛନ୍ତି କି, ହସ ପାଇଁ ଆପଣଙ୍କୁ କୌଣସି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ, କିନ୍ତୁ ହସର ମୂଲ୍ୟ କୋଟି କୋଟି ଟଙ୍କା ସହିତ ସମାନ। 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ଶୋ' ଏକ ମାଧ୍ୟମ ଯାହା ଲୋକଙ୍କ ମୁହଁରେ ଖୁସି ଆଣିବା ପାଇଁ କାମ କରେ। ମୁଁ ପୁଣି ଏହି ଶୋ'ର ଅଂଶ ହେବାକୁ ସମ୍ମାନିତ ଅନୁଭବ କରୁଛି। ନଭଜୋତ ସିଂହ ସିଦ୍ଧୁ ଏଥର 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ଶୋ'ରେ କମେଡି କୁଇନ ଅର୍ଚ୍ଚନା ପୁରନ୍ ସିଂହଙ୍କ ପାଖରେ ବସିଥିବାର ଦେଖାଯିବେ। ନେଟଫ୍ଲିକ୍ସ ଏବଂ କପିଲ୍ ଏହି ମାସରେ ପ୍ରଶଂସକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ 'ପ୍ରତ୍ୟେକ ମଜାଦାର ଦିନ ସହିତ ଆମର ପରିବାର ବଢ଼ିବ।' ନଭଜୋତ ସିଂହ ସିଦ୍ଧୁଙ୍କ ଫେରିବା ପରେ, କମେଡି କିଙ୍ଗ କପିଲ୍ ଶର୍ମା କହିଛନ୍ତି, ଆମେ ପ୍ରତିଶ୍ରୁତି ଦେଇଥିଲୁ ଯେ ପ୍ରତି ଶୁକ୍ରବାର ଆମ ପରିବାର ବଢ଼ିବ ଏବଂ ମୁଁ ବହୁତ ଖୁସି ଯେ ସିଦ୍ଧୁ ପାଜୀ ମଧ୍ୟ ଅର୍ଚ୍ଚନା ଜୀ ସହିତ ଏହି ପରିବାରର ଏକ ଅଂଶ ହୋଇଛନ୍ତି। ଏବେ ଆମେ ସମସ୍ତେ ଏକାଠି ବହୁତ ମଜାଦାର କଥାବାର୍ତ୍ତା, ଶାୟରୀ ଏବଂ ମସ୍ତି କରିବୁ।

# କ୍ରୀଡ଼ା କ୍ଷେତ୍ରରେ ଭାରତର ରୂପାନ୍ତରଣ ପ୍ରେରଣାଦାୟୀ ଚାମ୍ପିଅନଙ୍କୁ ସୃଷ୍ଟି କରୁଛି ଦେଶ

ନୂଆଦିଲ୍ଲୀ, ୧୦।୬ (ପିଆଇବି): ଭାରତରେ ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟା ରହିଛି, ଯେଉଁଥିରେ ୩୫ ବର୍ଷରୁ କମ୍ ବୟସର ପ୍ରାୟ ୬୫ପ୍ରତିଶତ ଲୋକ ଅଛନ୍ତି। ଏହି ଜନସାଂଖ୍ୟିକୀୟ ଲାଭାଂଶର ସମ୍ଭାବନାକୁ ସ୍ୱୀକାର କରି ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଯୁବ ବିକାଶ ଏବଂ କ୍ରୀଡ଼ା ପ୍ରୋତ୍ସାହନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହା ବ୍ୟକ୍ତିତ୍ୱ-ନିର୍ମାଣ, ଦକ୍ଷତା ବୃଦ୍ଧି ଏବଂ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଜାତୀୟ ଏକୀକରଣକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଛି। ଭାରତର କ୍ରୀଡ଼ା ଭବିଷ୍ୟତକୁ ଶକ୍ତିଶାଳୀ କରିବା ପାଇଁ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟକୁ ୩୭୯୪ କୋଟି ଟଙ୍କାର ଏକ ରେକର୍ଡ ଅନୁଦାନ ପ୍ରଦାନ କରିଛନ୍ତି। ଏହାର ଏକ ପ୍ରମୁଖ ଅଂଶ, ଅର୍ଥାତ ୨,୧୯୧.୦୧ କୋଟି ଟଙ୍କା, କେନ୍ଦ୍ରୀୟ କ୍ଷେତ୍ର ଯୋଜନା ପାଇଁ ଆବଣ୍ଟିତ ହୋଇଛି, ଯେଉଁଥିରେ ପ୍ରମୁଖ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମକୁ ୧,୦୦୦ କୋଟି ଟଙ୍କା ମିଳିଛି। ୨୦୧୪-୧୫ ଆର୍ଥିକ ବର୍ଷରେ ମନ୍ତ୍ରଣାଳୟକୁ ବଜେଟ ଆବଣ୍ଟନ ୧୬୪୩ କୋଟି ଟଙ୍କା ଥିଲା, ଯାହା ୨୦୨୫-୨୬ରେ ୧୩୦.୯% ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ – କ୍ରୀଡା ବିକାଶ ପାଇଁ ଜାତୀୟ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଗ୍ରାମୀଣ ଏବଂ ସହରାଞ୍ଚଳ ଉଭୟରେ ବହୁଳ ଅଂଶଗ୍ରହଣ ଏବଂ କ୍ରୀଡା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା। ଏହି ଯୋଜନାକୁ ୨୦୨୧ ମସିହାରେ ପାଞ୍ଚ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା ଏବଂ ଏହାର ବ୍ୟୟ ଅଟକଳ ୩,୭୯୦.୫୦ କୋଟି ଟଙ୍କା ଥିଲା। ପ୍ରମୁଖ ସଫଳତାଗୁଡ଼ିକ ମଧ୍ୟରେ ରହିଛି, ୩,୧୨୪.୧୨ କୋଟି ଟଙ୍କାର ୩୨୬ଟି ନୂତନ କ୍ରୀଡା ଭିତ୍ତିଭୂମି ପ୍ରକଳ୍ପକୁ ଅନୁମୋଦନ। ତୃଣମୂଳ ସ୍ତରରେ ତାଲିମ ଏବଂ ସହାୟତା ପାଇଁ ୧,୦୪୫ ଖେଲୋ ଇଣ୍ଡିଆ କେନ୍ଦ୍ର ପ୍ରତିଷ୍ଠା। ୩୪ଟି ଖେଲୋ ଇଣ୍ଡିଆ ରାଜ୍ୟ ଉତ୍କର୍ଷ କେନ୍ଦ୍ରର ବିଜ୍ଞପ୍ତି ଏବଂ ୩୦୬ଟି ଏକାଡେମୀର ମାନ୍ୟତା। ୨,୮୪୫ ଖେଲୋ ଇଣ୍ଡିଆ ଆଥଲେଟ୍ ପାଇଁ ପ୍ରଶିକ୍ଷଣ, ଉପକରଣ, ଚିକିତ୍ସା ସେବା ଏବଂ ମାସିକ ଭତ୍ତା ପ୍ରଦାନ। ଖେଲୋ ଇଣ୍ଡିଆ ଆନ୍ଦୋଳନ ଅଧୀନରେ, ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା, ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା, ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା ଏବଂ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା ଭଳି ବାର୍ଷିକ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏଥିରେ ଯୁବପିଢ଼ି, ଯଥାକ୍ରମେ ସେମାନଙ୍କ ରାଜ୍ୟ ଏବଂ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରି, ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିଥିଲେ ଏବଂ ପଦକ ପାଇଁ ପ୍ରତିଯୋଗିତା କରିଥିଲେ। ଏହି ଅଭିଯାନ ୨୦୧୮ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସ ସହିତ ଆରମ୍ଭ ହୋଇଥିଲା। ସେହି ବର୍ଷ ପରେ ଭାରତୀୟ ଅଲିମ୍ପିକ୍ ସଂଘ ଏହି ଅଭିଯାନ ସହିତ ଜଡିତ ହେବା ପରେ ବଡ଼ ପ୍ରୟାସ ଆରମ୍ଭ ହୋଇଥିଲା। ଫଳସ୍ୱରୂପ ୨୦୧୯ରୁ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସକୁ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ଭାବରେ ନାମିତ କରାଯାଇଥିଲା। ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ପ୍ରତିଯୋଗିତା ୨୦୧୮ରେ ୧୮ଟି କ୍ରୀଡା ସହିତ ଆରମ୍ଭ ହୋଇଥିଲା। ୨୦୨୫ରେ, ଯେତେବେଳେ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ପ୍ରତିଯୋଗିତାର ସପ୍ତମ ସଂସ୍କରଣ ବିହାରରେ ଅନୁଷ୍ଠିତ ହୋଇଥିଲା, ଏଥିରେ ୨୭ଟି କ୍ରୀଡା ସାମିଲ ଥିଲା। ଏପର୍ଯ୍ୟନ୍ତ, ଖେଲୋ ଇଣ୍ଡିଆ କ୍ରୀଡାର ୧୭ଟି ସଂସ୍କରଣ ଅନୁଷ୍ଠିତ ହୋଇଛି, ଯେଉଁଥିରେ ୫୦,୦୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଖେଲୋ ଇଣ୍ଡିଆ ପାରା କ୍ରୀଡା ୨୦୨୩ ଏବଂ ୨୦୨୫ରେ ପ୍ରତ୍ୟେକ ୧୩୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ଖେଲୋ ଇଣ୍ଡିଆ ରାଇଜିଂ ଟାଲେଣ୍ଟ ଆଇଡେଣ୍ଟିଫିକେସନ ବା କିର୍ତ୍ତୀ ଅଧୀନରେ ଦେଶବ୍ୟାପୀ ୯ରୁ ୧୮ ବର୍ଷ ବୟସର ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ଚୟନ କରାଯାଉଛି। ସ୍ୱଚ୍ଛ, ଯୋଗ୍ୟତା-ଭିତ୍ତିକ ଚୟନ ପାଇଁ ସାରା ଦେଶରେ ପ୍ରତିଭା ମୂଲ୍ୟାଙ୍କନ କେନ୍ଦ୍ର (ଟିଏସି), ମାନକୀକରଣ ପ୍ରୋଟୋକଲ ଏବଂ ଉନ୍ନତ ଆଇଟି ଉପକରଣ (ଏଆଇ ଏବଂ ଡାଟା ବିଶ୍ଳେଷଣ ସମେତ) ସ୍ଥାପନ କରାଯାଇଛି। ବର୍ତ୍ତମାନ ଦେଶରେ ୧୭୪ ଟିଏସି ରହିଛି। କିର୍ତ୍ତୀର ଉଦ୍ଦେଶ୍ୟ ହେଉଛି ଅଧିକରୁ ଅଧିକ କ୍ରୀଡ଼ାବିତଙ୍କୁ ସୃଷ୍ଟି କରି ୨୦୩୬ ସୁଦ୍ଧା ଭାରତକୁ ଶୀର୍ଷ ୧୦ଟି କ୍ରୀଡ଼ା ରାଷ୍ଟ୍ର ଏବଂ ୨୦୪୭ ସୁଦ୍ଧା ଶ୍ରେଷ୍ଠ ୫ଟି ରାଷ୍ଟ୍ର ମଧ୍ୟରେ ସାମିଲ କରିବା। ଟାର୍ଗେଟ୍ ଅଲିମ୍ପିକ୍ସ ପୋଡିୟମ – ଟପ୍ସ ଅଧୀନରେ ଅଲିମ୍ପିକ୍ ଏବଂ ପାରାଲିମ୍ପିକ୍ କ୍ରୀଡା ପାଇଁ ପ୍ରସ୍ତୁତି ଲାଗି ସରକାର ଭାରତର ଶ୍ରେଷ୍ଠ ଖେଳାଳିମାନଙ୍କୁ ସହାୟତା ପ୍ରଦାନ କରୁଛନ୍ତି। ମନୋନୀତ ଖେଳାଳିମାନଙ୍କୁ ଜାତୀୟ କ୍ରୀଡା ବିକାଶ ପାଣ୍ଠିରୁ ଆବଶ୍ୟକତା ଭିତ୍ତିକ ତାଲିମ ଏବଂ ମନ୍ତ୍ରଣାଳୟର ସାଧାରଣ ଯୋଜନା ଅନୁଯାୟୀ ଉପଲବ୍ଧ ନଥିବା ଅନ୍ୟାନ୍ୟ ସହାୟତା ପାଇଁ ପାଣ୍ଠି ପ୍ରଦାନ କରାଯାଉଛି। କୋର ଗ୍ରୁପ୍ ଆଥଲେଟମାନଙ୍କୁ ପ୍ରତି ମାସରେ ୫୦ ହଜାର ଟଙ୍କା ପକେଟ ଭତ୍ତା ପ୍ରଦାନ କରାଯାଏ। ଏହା ବ୍ୟତୀତ, ଜୁନିଅର ଆଥଲେଟମାନଙ୍କୁ ପ୍ରତି ମାସରେ ୨୫ ହଜାର ଟଙ୍କା ଷ୍ଟାଇପେଣ୍ଡ କରାଯାଉଛି। ଟୋକିଓ ୨୦୨୦ ଏବଂ ପ୍ୟାରିସ୍ ୨୦୨୪ ଅଲିମ୍ପିକ୍ସରେ ଭାରତର ପଦକ ବିଜୟ ସଫଳତାରେ ଟପ୍ସର ଅବଦାନ ଥିଲା। ଅଗଷ୍ଟ ୨୦୨୪ ସୁଦ୍ଧା, ଏହି ଯୋଜନା ଅଧୀନରେ ୧୭୪ ଜଣ ବ୍ୟକ୍ତିଗତ ଖେଳାଳି ଏବଂ ୨ଟି ହକି ଦଳ (ପୁରୁଷ ଏବଂ ମହିଳା)କୁ କୋର ଗ୍ରୁପ୍ ଭାବରେ ଚୟନ କରାଯାଇଛି। ଫିଟନେସକୁ ଆମ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ କରିବା ଲକ୍ଷ୍ୟରେ ଫିଟ୍ ଇଣ୍ଡିଆ ଆନ୍ଦୋଳନ ଆରମ୍ଭ କରାଯାଇଥିଲା। ଏହି ଆନ୍ଦୋଳନର ଲକ୍ଷ୍ୟ ହେଉଛି ଆଚରଣଗତ ପରିବର୍ତ୍ତନ ଆଣିବା ଏବଂ ଅଧିକ ଶାରୀରିକ ଭାବରେ ସକ୍ରିୟ ଜୀବନଶୈଳୀ ଆଡକୁ ଅଗ୍ରସର ହେବା। ଏହି ଯୋଜନା ଅନ୍ତର୍ଗତ ପ୍ରମୁଖ ସଫଳତାଗୁଡ଼ିକ ମଧ୍ୟରେ ପ୍ରଥମ ଥର ପାଇଁ ଫିଟ୍ ଇଣ୍ଡିଆ କାର୍ନିଭାଲ୍, ଏକ ତିନି ଦିନିଆ ଫିଟନେସ୍ ଏବଂ ସୁସ୍ଥତା ମହୋତ୍ସବ, ମାର୍ଚ୍ଚ ୨୦୨୫ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୨୦୧୯ରେ, ଫିଟ୍ ଇଣ୍ଡିଆ ଆନ୍ଦୋଳନ ଅଧୀନରେ ସାରା ଦେଶରେ ୧୫୦୦ରୁ ଅଧିକ ଫିଟ୍ ଇଣ୍ଡିଆ ପ୍ଲଗ୍ ରନ ଆୟୋଜନ କରାଯାଇଥିଲା। ଭାରତର ଅଲିମ୍ପିକ୍ ଯାତ୍ରା ୨୦୧୬ରୁ ୨୦୨୪ ମଧ୍ୟରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିଛି, ଯାହା କ୍ରୀଡ଼ା ଉତ୍କର୍ଷତାର ଏକ ନୂତନ ଯୁଗକୁ ସ୍ପଷ୍ଟ କରିଛି। ରିଓ ୨୦୧୬ରେ ୧୧୭ ସଦସ୍ୟଙ୍କ ଏକ ଦଳ ୨ ପଦକ ଜିତିବା ଭଳି ସାଧାରଣ ଉପଲବ୍ଧି ପରେ, ଭାରତ ଟୋକିଓ ୨୦୨୦ରେ ୭ ପଦକ ଜିତି ଉଲ୍ଲେଖନୀୟ ସଫଳତା ପାଇଥିଲା। ପ୍ୟାରିସ୍ ୨୦୨୪ରେ ୬ ପଦକ ସହିତ ଏକ ଦୃଢ଼ ପ୍ରଦର୍ଶନ ବଜାୟ ରଖିଥିଲା, ଉଭୟ ଦଳ ୧୧୭-୧୧୯ ଜଣ କ୍ରୀଡ଼ାବିତ ଥିଲେ। ଏହି ସମୟର ଉଲ୍ଲେଖନୀୟ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଆଥଲେଟିକ୍ସ (ଜାଭେଲିନ୍)ରେ ଭାରତର ପ୍ରଥମ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା (ଟୋକିଓ ୨୦୨୦) ନୀରଜ ଚୋପ୍ରା ଏବଂ ଭାରୋତ୍ତୋଳନରେ କ୍ରମାଗତ ପଦକ ବିଜେତା ମୀରାବାଇ ଚାନୁ ସାମିଲ ଅଛନ୍ତି। ଗତ ତିନୋଟି ସଂସ୍କରଣରେ ଭାରତର ପାରାଅଲିମ୍ପିକ୍ ସଫଳତା ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହା ଭିନ୍ନକ୍ଷମ ଖେଳାଳିମାନଙ୍କ ପାଇଁ ଏକ ଦୃଢ଼ ସମର୍ଥନ ବ୍ୟବସ୍ଥାକୁ ପ୍ରତିଫଳିତ କରେ। ରିଓ ୨୦୧୬ରେ ୧୯ ଜଣ ଖେଳାଳି ୪ ପଦକ ଜିତିବା ଠାରୁ, ଟୋକିଓ ୨୦୨୦ରେ ଏହି ସଂଖ୍ୟା ୧୯ ପଦକକୁ ବୃଦ୍ଧି ପାଇଥିଲା ଏବଂ ପ୍ୟାରିସ ୨୦୨୪ରେ ଏହା ୨୯ ପଦକରେ ପହଞ୍ଚିଛି, ଯେଉଁଠାରେ ୮୪ ଜଣ ଭାରତୀୟ ଖେଳାଳି ପ୍ରତିଯୋଗିତା କରିଥିଲେ। ଏହି ସଫଳତାରେ କେବଳ ୨୦୨୪ରେ ୭ ସ୍ୱର୍ଣ୍ଣ, ୯ ରୌପ୍ୟ ଏବଂ ୧୩ ବ୍ରୋଞ୍ଜ ପଦକ ଅନ୍ତର୍ଭୁକ୍ତ, ଯାହା ପାରା-କ୍ରୀଡାରେ ଭାରତର ବଢୁଥିବା ଦକ୍ଷତାର ପ୍ରମାଣ। ପ୍ରମୁଖ ତାରକାଙ୍କ ମଧ୍ୟରେ ସୁଟିଂରେ ଅବନୀ ଲେଖରା, ଜାଭେଲିନରେ ସୁମିତ ଆଣ୍ଟିଲ ଏବଂ ବ୍ୟାଡମିଣ୍ଟନରେ ପ୍ରମୋଦ ଭଗତ ଅନ୍ତର୍ଭୁକ୍ତ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik